## ବ୍ରେଡ ମଲାଇ ରୋଲ

ଆବଶ୍ୟକୀୟ ସାମଗ୍ରୀ : ଗୋଟିଏ ଚାମଚ ଲହୁଣୀ, କ୍ଷୀର ଗୋଟେ କପ, ୨ଚାମଚ କ୍ରିମ, ୨କପ ମିଲ୍କ ପାଉଡର, ଚିନି ଏକ କପ, ଗୁଜୁରାତି ପାଉଡର ଏକ ଚାମଚ,ବ୍ରେଡ ପିସ ୪ଟି, କାଜୁ ୪ଟି, ବାଦାମ ୪ଟି, କେଶର ଯୁକ୍ତ କ୍ଷୀର ୨ଚାମଚ, ଚେରି।

ପ୍ରସ୍ତୁତ ପ୍ରଣାଳୀ: ଏକ ତାୱା ଗରମ କରି ସେଥିରେ ଏକ କପ କ୍ଷୀର, କ୍ରିମି, ଏକ ଚାମଚ ଲହୁଣୀ ଦିଅନ୍ତୁ । ଭଲ ଭାବେ ହଲାଇ ମିଶାଇ ଦିଅନ୍ତୁ । ଏବେ ସେଥିରେ କିଛି ମିଲ୍କ ପାଉଡର ଦିଅନ୍ତୁ ଓ ଭଲ ଭାବେ ମିଶାଇ ଦିଅନ୍ତୁ । ମିଶ୍ରଣଟି ବହଳିଆ ହେବା ପରେ ତାକୁ ଚୁଲିରୁ ଓହ୍ଲାଇ ଦିଅନ୍ତୁ । ଏବେ ଏକ କଡାଇରେ ଏକ କପ କ୍ଷୀର ଗରମ କରନ୍ତୁ । ସେଥିରେ ବଳକା ଥିବା କ୍ରିମ ଦିଅନ୍ତୁ । ଏବେ ସେଥିରେ ଚିନି ଦିଅନ୍ତୁ । ଚିନି ଯେମିତି ଭଲ ଭାବେ ମିଶିଯିବ ସେଥିପ୍ରତି ଧ୍ୟାନ ଦିଅନ୍ତୁ । ଏବେ ସେଥିରେ ଗୁଜୁରାତି ଗୁଣ୍ଡ ଦିଅନ୍ତୁ । ଏବେ ବ୍ରେଡ ସ୍ଲାଇସ ନିଅନ୍ତୁ ଓ ତାର ଚାରି ପାଖରେ ଟ୍ରିମିଙ୍ଗ ରୋଲ କରନ୍ତୁ । ଏକ ଚାମଚ ମାବା ପେଷ୍ଟ ଓ କଟା ଯାଇଥିବା କାଜୁ ଓ ବାଦାମ ଭଲ ଭାବେ ଲଗାନ୍ତୁ । ଏବେ ତାକୁ ମୋଡି ଏକ ଟାଇମ ରୋଲ ପ୍ରସ୍ତୁତ କରନ୍ତୁ । ଏବେ ଏହି ରୋଲ ଗୁଡିକୁ ଧୀରେ ଧୀରେ କ୍ଷୀରରେ ପକାନ୍ତୁ । ପ୍ରସ୍ତୁତ ହେବା ପରେ ଭଲ ଭାବେ ଥଣ୍ଡା କରି ଦିଅନ୍ତୁ । ଥଣ୍ଡା ହେବା ପରେ ପରଷନ୍ତୁ ।



ଖବର

## ଟ୍ରୋଲ ହେବାପରେ ଐଶ୍ୱର୍ଯ୍ୟାଙ୍କ ଉଦାହରଣ ଦେଲେ ସ୍ୱରା



ବଲିଉଡ୍ ଅଭିନେତ୍ରୀ ସ୍ୱରା ଭାସ୍କର ସେହି ନାୟିକାମାନଙ୍କ ମଧ୍ୟରୁ ଜଣେ ଯିଏ ଖୋଲାଖୋଲି ଭାବରେ ନିଜର ମତାମତ ପ୍ରକାଶ କରିଥାଆନ୍ତ। ସ୍ୱରା ଭାସ୍କର ରାଜନୀତିଠାରୁ ଆରମ୍ଭ କରି ବଲିଉଡ ପର୍ଯ୍ୟନ୍ତ ସମସ୍ତ ପ୍ରସଙ୍ଗରେ ନିଜର ମତାମତ ଦେଇଥାଆନ୍ତିୟ ସମ୍ପ୍ରତି ସ୍ୱରା ଭାସ୍କର ମହିଳାଙ୍କ ଶରୀର ସେମିଂ ବିଷୟରେ ଆଲୋଚନା କରି କହିଛନ୍ତି,' ଝିଅକୁ ଜନ୍ମ ଦେବା ପରେ ମୋ ଶରୀରକୁ ନେଇ ଲୋକେ ଟ୍ରୋଲ କରୁଛନ୍ତି। ଲୋକେ ତ ଐଶ୍ୱର୍ଯ୍ୟା ରାଏଙ୍କ ଭଳି ନାମୀଦାମୀ ଅଭିନେତ୍ରୀଙ୍କୁ ଟ୍ରୋଲ କରିବାରେ ହେଳା କରି ନଥିଲେ। ଐଶ୍ୱର୍ଯ୍ୟା ଆରାଧ୍ୟାଙ୍କୁ ଜନ୍ମ ଦେବା ପରେ ତାଙ୍କ ଶରୀରର ଓଜନ ବୃଦ୍ଧି ପାଇଥିଲା। ଯେଉଁ କାରଣରୁ ଲୋକେ ତାଙ୍କୁ ଅନେକ ଥଟ୍ଟା ପରିହାସ କରିଥିଲେ। ଗ୍ଲାମର ଦୁନିଆରେ ରହିଲେ ଲୋକଙ୍କ ନଜର ଆପଣଙ୍କ ଉପରେ ସର୍ବଦା ରହିଥାଏ। ଆପଣ କ'ଣ କଲେ ଆପଣ କ'ଣ ନକେଲେ। କେତେବେଳେ କ'ଣ ପିନ୍ଧୁଛନ୍ତି କେତେ ବେଳେ କେମିତି ଦେଖା ଯାଉଛନ୍ତି। ତାହାକୁ ନେଲେ ଲୋକେ ଆଲୋଚନା କରିଥାଆନ୍ତି ।ଆରଧ୍ୟା ଜନ୍ମ ପରେ ଐଶ୍ୱର୍ଯ୍ୟା ଏକ ସାକ୍ଷାତକାରରେ ଯୋଗ ଦେଇଥିଲେ। ଏହି ସାକ୍ଷାତକାରରେ ଐଶ୍ୱର୍ଯ୍ୟାଙ୍କ ଶାରୀରିକ ଗଠନକୁ ନେଇ ପ୍ରଶ୍ନ ପଚାରାଯାଇଥିଲା। ଯାହାର ଉତ୍ତରକୁ ସେ ଅତି ଶାନ୍ତ ଓ ସରଳ ଭାବେ ଦେଇଥିଲେ ।ମୋ ମତରେ ସେ ସମୟରେ ତାଙ୍କ ସ୍ଥାନରେ ଯଦି ଆଉ କେହି ଥାଆନ୍ତେ ସେ ପ୍ରଶ୍ନ ଶୁଣି ନିଶ୍ଚୟ ରାଗି ଯାଇଥାଆନ୍ତେ । କିନ୍ତୁ ଐଶ୍ୱର୍ଯ୍ୟା ଉପସ୍ଥାପିକାଙ୍କ ପ୍ରଶ୍ନର ଉ□ର ଦେଇ କହିଥିଲେ, 'ଝିଅ ଜନ୍ମ ପରେ ମୁଁ ନିଜକୁ ଭୁଲି ଯାଇଛି । କାରଣ ଏବେ ମୋ ଝିଅ ଆରଧ୍ୟା ହିଁ ମୋ ଦୁନିଆ ପାଲଟି ଯାଇଛ। ତାହା ସହିତ ମୁଁ ସମୟ ବିତାଉଛି।

## ଏହି ସ୍ଥାନରେ ରଖନ୍ତୁ ଶଙ୍ଖ, ଟଙ୍କାରେ ଭରିଯିବ ଘରି

ବାସ୍ତୁ ଶାସ୍ତ୍ର ଅନୁସାରେ ଘରେ ଶଙ୍ଖ ରହିବା ଶୁଭ ବୋଲି କୁହାଯାଏ। ଏଥିରେ ପରିବାରରେ ଖୁସି ଆସିବା ସହ ଶୁଭ ଖବର ମିଳିଥାଏ । ଶଙ୍ଖକୁ ଠାକୁରଘରେ ରଖିବା ଅଧିକ ଶୁଭ ବୋଲି ସମସ୍ତେ ମାନିଥାନ୍ତି । ଖାଲି ସେତିକି ନୁହେଁ, ଏହା ଦ୍ୱାରା ବାସ୍ତୁ ଦୋଷ ଦୂର ହୋଇଥାଏ । ଘରର ସମସ୍ତ ଆର୍ଥିକ ସମସ୍ୟା ଦୂର ହେବା ସହ ପରିବାରର ଆୟ ବୃଦ୍ଧି କରିବାରେ ଏହା ସହାୟକ ହୋଇଥାଏହିନ୍ଦୁ ଧର୍ମର ମାନ୍ୟତା ଅନୁସାରେ ଶଙ୍ଖ ମା ଲକ୍ଷ୍ମୀ ଏବଂ ବିଷ୍ଣୁଙ୍କ ଅତି ପ୍ରିୟ । ଠାକୁର ଘରେ ଶଙ୍ଖ ରଖିବା ଦ୍ୱାରା ଘରେ ସକାରାତ୍ମକ ଶକ୍ତି ଖେଳିଥାଏ ଏବଂ ପରିବାରରେ ଶାନ୍ତି ବିରାଜମାନ କରିଥାଏ । ବାସ୍ତୁ ଶାସ୍ତ୍ର ଅନୁସାରେ ଠାକୁରଘରେ ଥିବା ଜଳପାତ୍ର କେବେ ବି ଖାଲି ରଖିବା ଉଚିତ ନୁହେଁ । ଏମିତି ହେବା ଦ୍ୱାରା ନାନା ସମସ୍ୟା ଦେଖାଦେଇଥାଏ । ଏହି ପାତ୍ରରେ ତୁଳସୀ କିମ୍ବା ଗଙ୍ଗାଜଳ ରଖିବା ଉଚିତ।



## ଖଜୁରୀ ଖାଇବାର ଫାଇଦା

ଯଦି ଆପଣ ଡ଼ାଏଟରେ ମିଠା ଅନ୍ତର୍ଭୁକ୍ତ କରିବାକୁ ଚାହୁଁଛନ୍ତି ତେବେ ଏଥିରେ କିଛି ଭୁଲ ନାହିଁ। ଏହା ପରିବର୍ତ୍ତେ,ଆପଣ ଶକ୍ତି ପାଇବେ ଏବଂ ଫିଟ ଅନୁଭବ କରିବେ। ଯଦି ଆପଣ ଖଜୁର ଖାଇବାକୁ ପସନ୍ଦ କରନ୍ତି । ତେବେ ଏହା ଆପଣଙ୍କ ପାଇଁ ଅଧିକ ଖୁସି ଖବର। ଖଜୁର ଉଭୟ ଶରୀର ଏବଂ ମନ ପାଇଁ ଲାଭଦାୟକ ବୋଲି ବିବେଚନା କରାଯାଏ।

ଆପଣ ଜାଣନ୍ତି କି,ଗୋଟିଏ ସପ୍ତାହ ପାଇଁ ପ୍ରତିଦିନ ତିନିଟି ଖଜୁର ଖାଇ ଆପଣ ଅନେକ ରୋଗ ଦୂର କରିପାରିବେ। ଆସନ୍ତୁ ଜାଣିବା ପ୍ରତିଦିନ ଖଜୁର ଖାଇବାର ଉପକାର।

ଖଜୁରରେ କୋଲନ କର୍କଟ ହେବାର ଆଶଙ୍କା କମଥାଏ। ହଜମ ପାଇଁ ଖଜୁର ଭଲ ବୋଲି ବିବେଚନା କରାଯାଏ। ପ୍ରତିଦିନ ଖଜୁରୀ ଖାଇବା ପେଟକୁ ଠିକ ରଖେ ଏବଂ କ୍ଷତିକାରକ ଜୀବାଣୁ ମଧ୍ୟରେ ଦୂରରେ ରୁହନ୍ତି। ହଜମ ପ୍ରକିୟା ଠିକ ଭାବରେ ପରିଚାଳିତ ହେଲେ କୋଲନ କର୍କଟ ହେବାର ଆଶଙ୍କା କମିଯାଏ।

ଖଜୁରୀ ସବୁବେଳେ ଶକ୍ତି ଦେଇଥାଏ। ଖଜୁରୀ ଗୁଡ଼ିକରେ ପ୍ରାକୃତିକଚିନି,ଗ୍ଲୁକୋଜ,ଫ୍ରୁକଟୋଜ ଏବଂ ସୁକ୍ରୋଜ ଥାଏ। ଯାହାକି ଆପଣ ଯେତେବେଳେ ଆବଶ୍ୟକ କରନ୍ତି ଯେତେବେଳେ ଆବଶ୍ୟକ କରନ୍ତି ତୁରନ୍ତ ଶକ୍ତି ପ୍ରଦାନ କରନ୍ତି। ଖଜୁରୀ ଗୁଡ଼ିକରେ ଫାଇବର, ପୋଟାସିୟମ, ମାଗ୍ନେସିୟମ, ଭିଟାମିନ ଏବଂ ଆଣ୍ଟିଅକ୍ସିଡ଼ାଣ୍ଟ ଥାଏ ଯାହା ଶକ୍ତି ସ୍ତର ବଜାୟ ରଖେ।



ଡ଼ାଇଜେସନରେ ଉନ୍ନତି ଆଣିଥାଏ। ଯଦି ତୁମେ ତୁମର ହଜମ ପ୍ରକିୟାକୁ ଭଲ ରଖିବାକୁ ଚାହଁଛ, ତେବେ ଖଜୁରୀ ଖାଇବା ତୁମ ପାଇଁ ଏକ ଉତ୍ତମ ବିକଳ୍ପ। ଆପଣ କେବଳ ଗୋଟିଏ କପ ଖଜୁରୀରେ ୧୨ଗ୍ରାମ ଫାଇବର ପାଇବେ, ଯାହା ଆପଣଙ୍କର ନିୟମିତ ଖାଦ୍ୟରେ ୪୮ପ୍ରତିଶତ ଅଟେ ।ଖଜୁରୀ ଗୁଡ଼ିକରେ ଭିଟାମିନ ବି୬ଥାଏ। ଯାହା ଶରୀରକୁ ସେରୋଟୋନିନ ଏବଂ ନୋରପାଇଫ୍ରିନ ତିଆରି କରିବାରେ ସାହାର୍ଯ୍ୟ କରି ଥାଏ। ସେରୋଟୋର୍ନିନ ମନୋବଳକୁ ନିୟନ୍ତ୍ରଣ କରିଥାଏ ଏବଂ ନୋରପାଇଫ୍ରିନ ଶରୀରକୁ ଚାପକୁ ସାମ୍ନା କରିବାରେ ସାହାଯ୍ୟ କରିଥାଏ।

ଅନୁସନ୍ଧାନରୁ ଜଣାପଡ଼ିଛି ଯେ ଭିଟାମିନ ବି ୬ର ଅନବତି ମଧ୍ୟ ଅବସାଦର କାରଣ ହୋଇପାରେ।

## ସାବଧାନ! ରାତିରେ ଭାତ ଖାଇଲେ ଏହି ସବୁ ସ୍ୱାସ୍ଥ୍ୟ ସମସ୍ୟା ହୋଇପାରେ



ଭାତ ଆମ ଦୈନନ୍ଦିନ ଖାଦ୍ୟ ତାଲିକାର ଏକ ପ୍ରମୁଖ ଉପାଦାନ। ଅଧିକାଂଶ ଲୋକ ଗୋଟିଏ ଦିନରେ ଏକାଧିକ ଥର ଭାତ ଖାଇଥାନ୍ତି। କିନ୍ତୁ ଜାଣନ୍ତି କି ରାତିରେ ଭାତ ଖାଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ହୋଇପାରେ ? ଭାତ ଖାଇବା ଦ୍ୱାରା ମେଦବହୁଳତା ବୃଦ୍ଧିପାଏ ବୋଲି ଜାଣିଥିବେ, କିନ୍ତୁ ଏହି କାରଣରୁ ଅନ୍ୟ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ସମସ୍ୟା ମଧ୍ୟ ହୋଇପାରେ। କେଉଁମାନେ ରାତିରେ ଭାତ ଖାଇବା ଅନୁଚିତ, ଜାଣନ୍ତୁ...

ମେଦବହୁଳତା ବୃଦ୍ଧି ହେବାର ଆଶଙ୍କା

ରାତିରେ ଭାତ ଖାଇବା ଦ୍ୱାରା ଓଜନ ବୃଦ୍ଧି ହେବାର ଆଶଙ୍କା ବଢିପାରେ। ଚାଉଳରେ କାର୍ବୋହାଇଡ୍ରେଟ୍ ଅଧିକ ଥାଏ, ଯାହା ଶରୀରରେ ଚର୍ବି ବୃଦ୍ଧି କରିପାରେ। ଯଦି ଓଜନ ହ୍ରାସ କରିବାକୁ ଚେଷ୍ଟା କରୁଛନ୍ତି, ତେବେ ରାତ୍ରି ଭୋଜନରେ ଭାତ ଖାଇବାଠୁ ଦୂରେଇ ରୁହନ୍ତୁ।

ମଧୁମେହ ରୋଗୀ

ମଧୁମେହ ରୋଗୀ ରାତିରେ ଆଦୌ ଭାତ ଖାଇବା କଥା ନୁହେଁୟ କାରଣ ଏଥିରେ ଶର୍କରା ଥାଏ। ଚାଉଳରେ ଉଚ୍ଚ ଗ୍ଲାଇସେମିକ୍ ଇଣ୍ଡେକ୍ସ ଥିବାରୁ ଏହା ରକ୍ତରେ ଶର୍କରା ସ୍ତରକୁ ଶୀଘ୍ର ବଢାଇପାରେ। ଏପରି ହେଲେ ମଧୁମେହ ରୋଗୀଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଆହୁରି ବିଗିଡ଼ି ଯାଇପାରେ।

ହଜମ ପ୍ରକ୍ରିୟା ସମସ୍ୟା

ଯେଉଁମାନଙ୍କର ହଜମ ପ୍ରକ୍ରିୟାରେ ସମସ୍ୟା ଥିବ, ସେମାନେ ରାତିରେ ଭାରତ ଖାଆନ୍ତୁ ନାହ। କାରଣ ଭାତ ହଜମ ହେବାକୁ ଅଧିକ ସମୟ ନେଉଥିବା ବେଳେ ରାତିରେ ହଜମ ପ୍ରକ୍ରିୟା ମ୍ୟର ହୋଇଯାଏ। ଏପରି ସମସ୍ୟା ଥିବା ଲୋକେ ଯଦି ରାତିରେ ଭାତ ଖାଆନ୍ତି ତେବେ, ସେମାନଙ୍କର କୋଷ୍ଠକାଠିନ୍ୟ, ଅମ୍ଳତା ଏବଂ ଅନ୍ୟାନ୍ୟ ହଜମ ସମସ୍ୟା ହୋଇପାରେ।

ଆର୍ଥ୍ରାଇଟିସ୍ ରୋଗୀ

ଆର୍ଥ୍ରାଇଟିସ୍ ରୋଗୀ ରାତିରେ ଭାତ ଖାଇବା ଅନୁଚିତ। ଚାଉଳରେ ଏପରି ଉପାଦାନ ଥାଏ ଯାହା ଶରୀରରେ ପ୍ରଦାହକୁ ବଢାଇପାରେ, ଫଳରେ ଆର୍ଥ୍ରାଇଟିସ ରୋଗୀଙ୍କ ଯନ୍ତ୍ରଣା ବଢିଯାଇଥାଏ।

ଶୋଇବା ସମ୍ବନ୍ଧୀୟ ସମସ୍ୟା

ଭାତ ଖାଇବା ଦ୍ୱାରା ଶରୀରରେ ଟ୍ରାଇପ୍ଟୋଫାନର ପରିମାଣ ବଢିଯାଏ, ଯାହା ଶୋଇବାରେ ସାହାଯ୍ୟ କରିଥାଏ। ତଥାପି, ଏହା କିଛି ଲୋକଙ୍କଠାରେ ସମସ୍ୟା ସୃଷ୍ଟି କରିପାରେ ଏବଂ ସେମାନଙ୍କର ଶୋଇବା ଗୁଣ ଉପରେ ପ୍ରଭାବ ପକାଇପାରେ। ଯଦି ଶୋଇବା ସମସ୍ୟା ଅଛି, ତେବେ ରାତିରେ ଭାତ ଖାଇବାଠାରୁ ଦୂରେଇ ରୁହନ୍ତୁ।

ରାତିରେ କଣ ଖାଇପାରିବେ

ରାତିରେ ଚାଉଳ ବଦଳରେ ଶସ୍ୟଜାତୀୟ ଖାଦ୍ୟ, ଓଟ୍ସ କିମ୍ବା ଅନ୍ୟାନ୍ୟ ହାଲୁକା ଏବଂ ପୁଷ୍ଟିକର ଖାଦ୍ୟ ଖାଇପାରିବେ। ଏହା କେବଳ ହଜମ କରିବାରେ ସାହାଯ୍ୟ କରିବ ନାହିଁ, ବରଂ ସ୍ୱାସ୍ଥ୍ୟକୁ ମଧ ଭଲ ରଖିବ।



## ବସିବା ଅଭ୍ୟାସ ଶରୀରକୁ ପହଞ୍ଚାଏ ହାନି

ସାଧାରଣତଃ ଆଜିକାଲିର ଯୁବପୀଢି ନିଜକୁ ଷ୍ଟାଇଲିସ୍ ଲୁକ୍ ଦେବା ପାଇଁ ବିଭିନ୍ନ ଚାଲିଚଳନକୁ ଆପଣାଇଥାନ୍ତି । ଅଧିକାଂଶ ଯୁବକଯୁବତୀ ଏବେ ବସିବା ସମୟରେ ସିଧା ହୋଇ ନବସି ଗୋଡ ଉପରେ ଗୋଡ ପକାଇ କରି ବସୁଥିବା ଦେଖିବାକୁ ମିଳୁଛି । କିନ୍ତୁ ଆପଣ ଜାଣନ୍ତି କି ଆପଣଙ୍କର ଏହି ବସିବା ଷ୍ଟାଇଲ ଆପଣଙ୍କ ଶରୀରକୁ ହାନି ପହଞ୍ଚାଇଥାଏ । ଆସନ୍ତୁ ଜାଣିବା ଏପରି ବସିବା ଶରୀର ଉପରେ କ'ଣ ପ୍ରଭାବ ପକାଇଥାଏ ।



ପେଲଭିକ୍ ଇନବାଲାନ୍ସ: ଏପରି ବସିବା ଦ୍ୱାରା ମଣିଷ ଶରୀରର ପେଲଭିକ୍ ମାଂସପେଶୀ ଅସନ୍ତୁଳନ ହୋଇଥାଏ । ଏପରି ପ୍ରତିଦିନ ଅଧିକ ଘଣ୍ଟା ବସିବା ଦ୍ୱାରା ଜଙ୍ଘ ସଙ୍କଚିତ, ଫୁଲିବା ଇତ୍ୟାଦି ସମସ୍ୟା ଦେଖିବାକୁ ମିଳିଥାଏ ।

ବ୍ଲଡ ସର୍କୁଲେସନ ଉପରେ ପ୍ରଭାବ

ଗୋଡ ଉପରେ ଗୋଡ ରଖି ବସିବା ଦ୍ୱାରା କେବଳ ବ୍ଲଡ ପ୍ରେସର ନୁହେଁ ବରଂ ବ୍ଲଡ ସର୍କୁଲେସନ ମଧ୍ୟ ପ୍ରଭାବିତ ହୋଇଥାଏ । ଏପରି ସ୍ଥିତିରେ ବସିବା ସମୟରେ ଦୁଇଟି ଯାକ ଗୋଡରେ ସମାନ ପରିମାଣରେ ବ୍ଲଡ ସକୁୟଲେସନ ହୋଇନଥାଏ । ଏହି କାରଣରୁ ଗୋଡ ଝିମିଝିମ୍ ହୋଇଯାଇଥାଏ ।

ବ୍ଲଡପ୍ରେସର ଉପରେ ପ୍ରଭାବ

ଗୋଡ ଉପରେ ଗୋଡ ରଖି ବସିବା ଦ୍ୱାରା ରକ୍ତଚାପ ବଢିଥାଏ । ସେଥିପାଇଁ ଉଚ୍ଚ ରକ୍ତଚାପ ଥିବା ବ୍ୟକ୍ତି ଏପରି ପୋଜିସନରେ ବସିବା ଉଚିତ୍ ନୁହେଁ । ଏହାଛଡା ଯାହାର ରକ୍ତଚାପ ସମସ୍ୟା ନଥାଏ, ସେମାନେ ମଧ୍ୟ ଏପରି ସ୍ଥିତିରେ ବସନ୍ତୁ ନାହିଁ ।

ଲୋୟର ବ୍ୟାକ୍ ଯନ୍ତ୍ରଣା

ଆପଣ ବସିବା ଉଠିବା ସମୟରେ ଅଣ୍ଟାର ତଳ ଭାଗରେ ଯନ୍ତ୍ରଣା ହେଉଛି କି ? ଯଦି ଏପରି ହେଉଥାଏ, ତେବେ ଗୋଡ ଉପରେ ଗୋଡ ପକାଇ ବସନ୍ତୁ ନାହିଁ।

ଜଏଣ୍ଟ ପେନ୍

ଅଫିସରେ ୮ରୁ ୯ ଘଣ୍ଟା ଚେୟାରରେ ବସିବା ଦ୍ୱାରା ଗୋଡର ଗଣ୍ଠି ଯନ୍ତ୍ରଣା ଅନୁଭୂତ ହୋଇଥାଏ । ଯଦି ଆପଣ ଏପରି ସମସ୍ୟାରେ ଗତି କରୁଥାନ୍ତି ଏବଂ ଯୋଗ, ବ୍ୟାୟାମ କରି ମଧ୍ୟ ଏହି ଯନ୍ତ୍ରଣା କମ୍ ହେଉନି । ତେବେ ଆପଣ ଗୋଡ ଉପରେ ଗୋଡ ପକାଇ ବସିବା ଅଭ୍ୟାସ ବନ୍ଦ କରିଦିଅନ୍ତୁ। ଏହାହିଁ ଜଏଣ୍ଟ ପେନର ପ୍ରମୁଖ କାରଣ।

ମହାଭାରତ
ନଗରନକ୍ସା ମହାନଗରର ନିଜ ଭାଷା



# ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଏବଂ ସିକେ-୧୨ ଫାଉଣ୍ଡେସନ ମଧ୍ୟରେ ଏମ୍‌ଓୟୁ



**ଭୁବନେଶ୍ୱର, ୩।୨ (ମହାଭାରତ):** ଓଡ଼ିଶା ସରକାରଙ୍କ 'ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ' ଏବଂ କାର୍ଲ ଫର୍ଣ୍ଣଆର 'ସିକେ-୧୨ ଫାଉଣ୍ଡେସନ' ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଯାଇଛି। ଆଜି ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଉପସ୍ଥିତିରେ ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କମିଶନରତଥା ଶାସନ ସଚିବ ଶାଳିନୀ ପଣ୍ଡିତ ଏବଂ ସିକେ-୧୨ ଫାଉଣ୍ଡେସନର ପ୍ରତିଷ୍ଠାତା ତଥା କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ନିରୁ ଖୋସଲା ଏହି ବୁଝାମଣାପତ୍ର ସ୍ୱାକ୍ଷର କରିଛନ୍ତି।

ରାଜ୍ୟର ଛାତ୍ରଛାତ୍ରୀ, ଶିକ୍ଷକ ଓ ବିଦ୍ୟାଳୟଗୁଡ଼ିକୁ ବିଶ୍ୱସ୍ତରୀୟ ଶିକ୍ଷା ସମ୍ବଳ ଯୋଗାଇଦେବାଏହି ବୁଝାମଣାପତ୍ରର ଉଦ୍ଦେଶ୍ୟ ରହିଛି। ସିକେ-୧୨ ଫାଉଣ୍ଡେସନ ହେଉଛି ଏକ ଅଣଲାଭକାରୀ ଶିକ୍ଷା ପ୍ରଯୁକ୍ତି ବିଦ୍ୟା ସଂଗଠନ ଯାହାର ଲକ୍ଷ୍ୟ ହେଉଛି ଉତ୍ତମ ଶିକ୍ଷାଗତ ଅନୁଭୂତିକୁ ସାର୍ବଜନୀନ ଉପଲବ୍ଧି ପ୍ରଦାନ କରିବା । ସିକେ-୧୨ ଫାଉଣ୍ଡେସନ ବିଷୟବସ୍ତୁ ଏବଂ ପ୍ରଯୁକ୍ତି ଉପକରଣଗୁଡିକୁ ବିନା ଦେୟରେ ଉପଲବ୍ଧ କରାଇବାକୁ ପ୍ରତିଶ୍ରୁତିବଦ୍ଧ ଯାହା ପରିସ୍ଥିତି ସହିତ ଖାପ ଖୁଆଇ ବିଭିନ୍ନ ଶିକ୍ଷଣ ଶୈଳୀ, ସମ୍ବଳ, ଦକ୍ଷତାର ସ୍ତର ବୃଦ୍ଧି ଏବଂ ପରୀକ୍ଷଣ କରିବାକୁ ଛାତ୍ର ଏବଂ ଶିକ୍ଷକମାନଙ୍କୁ ସଶକ୍ତ କରିବ ।

କୃତ୍ରିମ ବୁଦ୍ଧିମତ୍ତା ବା ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ଶିକ୍ଷଣ ଅଭିଜ୍ଞତା ବୃଦ୍ଧି, ଶିକ୍ଷକମାନଙ୍କୁ ସମର୍ଥନ ଏବଂ ଛାତ୍ରଛାତ୍ରୀଙ୍କ ଫଳାଫଳରେ ଉନ୍ନତି ଆଣି ଶିକ୍ଷାରେ ବିପ୍ଳବ ଆଣିପାରିଛି। ଏଆଇ-ଚାଳିତ ଉପକରଣଗୁଡିକ ବ୍ୟକ୍ତିଗତ ଶିକ୍ଷଣ ଅନୁଭୂତି ପ୍ରଦାନ କରିବା ସହ ପ୍ରତ୍ୟେକ ଛାତ୍ରଙ୍କ ଆବଶ୍ୟକତା ସହିତ ବିଷୟବସ୍ତୁକୁ ଅନୁକୂଳ କରିଥାଏ, ଉତ୍ତମ ବୁଝାମଣା ଏବଂ ଧାରଣସୁନିଶ୍ଚିତ କରେ । ଶିକ୍ଷକମାନଙ୍କ ପାଇଁ ଏଆଇ ଗ୍ରେଡିଂ, ଉପସ୍ଥାନ ଏବଂ ପାଠ ଯୋଜନା ପରି ପ୍ରଶାସନିକ କାର୍ଯ୍ୟକୁ ସୁବ୍ୟବସ୍ଥିତ କରିଥାଏ, ଯାହା ଦ୍ୱାରା ସେମାନେ ଛାତ୍ରଛାତ୍ରୀଙ୍କ ପାଠରେ ମନଯୋଗ ଏବଂ ପରାମର୍ଶ ଉପରେ ଅଧିକ ଧ୍ୟାନ ଦେଇପାରିବେ। ଏଆଇ-ପରିଚାଳିତ ବିଶ୍ଳେଷଣ ଶିକ୍ଷୟିତ୍ରୀମାନଙ୍କୁ ଶିକ୍ଷଣ ବ୍ୟବଧାନ ଚିହ୍ନଟ କରିବାରେ ସାହାଯ୍ୟ କରେ ଏବଂ ଅପେକ୍ଷାକୃତ ଭଲ ପ୍ରଦର୍ଶନ କରୁନଥିବା ଛାତ୍ରମାନଙ୍କ ପାଇଁ ପରାମର୍ଶ ପ୍ରଦାନ କରେ। ଏହାବ୍ୟତୀତ, ଏଆଇ ଚାଟ୍ ବଟ୍ ଏବଂ ଆଭାସୀ ମାଧ୍ୟମରେ ଟ୍ୟୁଟରମାନେ ତୁରନ୍ତ ସମର୍ଥନ ପ୍ରଦାନ କରନ୍ତି, ଯାହା ଶିକ୍ଷଣକୁ ଅଧିକ ପାରସ୍ପରିକ ଆଲୋଚନା ଏବଂ ଉପଲବ୍ଧତା ବୃଦ୍ଧି କରିଥାଏ। ଏଆଇକୁ ସମନ୍ୱିତ କରି,ବିଦ୍ୟାଳୟଗୁଡ଼ିକ ଏକ ଡାଟା-ପରିଚାଳିତ, ଛାତ୍ର-କୈନ୍ଦ୍ରିକ ପରିବେଶକୁ ପ୍ରୋତ୍ସାହିତ କରିପାରିବେ ଯାହା ସାମଗ୍ରିକ ଶିକ୍ଷଣ ଫଳାଫଳକୁ ବଢ଼ାଇଥାଏ, ଦକ୍ଷତାକୁ ପ୍ରୋତ୍ସାହିତ କରେ ଏବଂ ଛାତ୍ରଛାତ୍ରୀମାନଙ୍କୁ ଭବିଷ୍ୟତର ବୈଷୟିକ ଉନ୍ନତି ପାଇଁ ପ୍ରସ୍ତୁତ କରେ।

ବ୍ୟକ୍ତିଗତ ଶିକ୍ଷଣ ଉପକରଣ, ଅଫଲାଇନ ଉପଲବ୍ଧତା ଏବଂ ବିଭିନ୍ନ ବିଷୟ ପାଇଁ ପ୍ରସ୍ତୁତ ବିଷୟବସ୍ତୁ ସହିତ ସିକେ-୧୨ ଫାଉଣ୍ଡେସନ ଓଡ଼ିଶାର ଛାତ୍ରଛାତ୍ରୀମାନଙ୍କୁ ନିଜ ଇଚ୍ଛାନୁସାରେ ଶିଖିବାକୁ ଅନୁମତି ଦେବ। ଏହା ଶିକ୍ଷାଗତ ବ୍ୟବଧାନକୁ ଦୂର କରିବାରେ ସହାୟକ ହେବ ଏବଂ ଶିକ୍ଷକମାନଙ୍କୁ ସେମାନଙ୍କ ଶିକ୍ଷାବୃଦ୍ଧି ପାଇଁ ସମ୍ବଳ ପ୍ରଦାନ କରିବ ତଥାସମଗ୍ର ରାଜ୍ୟରେ ଶିକ୍ଷାରେ ସମାନତାକୁ ପ୍ରୋତ୍ସାହିତ କରିବ।

ମୁଖ୍ୟ ଶାସନ ସଚିବ ଶ୍ରୀ ଆହୁଜା ତାଙ୍କ ଅଭିଭାଷଣରେ କହିଛନ୍ତି ଯେ, ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଦକ୍ଷତା ବୃଦ୍ଧି କରି ନିଷ୍ପତ୍ତି ନେବା ଏବଂ ସେବା ପ୍ରଦାନ କରି ଶାସନରେ ପରିବର୍ତ୍ତନ ଆଣୁଛି। ଡାଟା-ପରିଚାଳିତ ଏଆଇପ୍ରଶାସନିକ ପ୍ରକ୍ରିୟାକୁ ସୁବ୍ୟବସ୍ଥିତ କରିବା, ନିୟମିତ କାର୍ଯ୍ୟଗୁଡ଼ିକୁ ସ୍ୱୟଂଚାଳିତ କରିବା, ବୃହତ ଡାଟା ସେଟ୍ ବିଶ୍ଳେଷଣ କରିବା, ନୀତି ପ୍ରଣୟନ ଏବଂ କାର୍ଯ୍ୟକାରିତା ପାଇଁ ସୁବ୍ୟବସ୍ଥିତ କରିବାରେ ସହାୟକ ହୋଇଥାଏ। ଅଧିକାରୀମାନଙ୍କ ପ୍ରଶିକ୍ଷଣରେଏଆଇ-ଆଧାରିତ ପ୍ଲାଟଫର୍ମଗୁଡିକ ବ୍ୟକ୍ତିଗତ ଶିକ୍ଷା, ଭର୍ଚୁଆଲ୍ ସିମୁଲେସନ୍ ଏବଂ ରିୟଲ-ଟାଇମ୍ ମତାମତ ପ୍ରଦାନ କରନ୍ତି, ଯାହା ନିରନ୍ତର ଦକ୍ଷତା ବିକାଶ ଏବଂ ଉନ୍ନତ ନିଷ୍ପତ୍ତି ନେବାର କ୍ଷମତାସୁନିଶ୍ଚିତ କରେ। ଏହାବ୍ୟତୀତ, ଏଆଇ ସ୍ମାର୍ଟ ଚାଟ୍ ବଟ୍, ସ୍ୱୟଂଚାଳିତ ଅଭିଯୋଗ ସମାଧାନ ପ୍ରଣାଳୀ ଏବଂ ଉନ୍ନତ ସମ୍ବଳ ଆବଣ୍ଟନ ପାଇଁ ପୂର୍ବାନୁମାନ ବିଶ୍ଳେଷଣ ସକ୍ଷମ କରି ସର୍ବସାଧାରଣ ସେବା ପ୍ରଦାନକୁ ବଢ଼ାଇଥାଏ। ଏଆଇର ଉପଯୋଗ କରି ସରକାରଦ୍ରୁତ,ସ୍ୱଚ୍ଛ ଏବଂ ଅଧିକ ନାଗରିକ-କୈନ୍ଦ୍ରିକ ସେବା ପ୍ରଦାନ କରିପାରିବେ, ଉନ୍ନତ ପ୍ରଶାସନିକ ବ୍ୟବସ୍ଥାକୁ ପ୍ରୋତ୍ସାହିତ କରିପାରିବେ ଏବଂ ଲୋକଙ୍କ ଜୀବନଧାରଣର ଗୁଣବତ୍ତାରେ ଉନ୍ନତି ଆଣିପାରିବେ ବୋଲି ମୁଖ୍ୟ ଶାସନ ସଚିବ ପ୍ରକାଶ କରିଥିଲେ।

# ପୂର୍ବୋଦୟ ମିଶନରେ ଓଡ଼ିଶାର ରେଳବାଇ ବିକାଶକୁ ବଡ଼ ଗତି ମିଳିବ : ଧର୍ମେନ୍ଦ୍ର

**ଭୁବନେଶ୍ୱର, ୩।୨ (ମହାଭାରତ):** ମୋଦୀ ସରକାରଙ୍କ ତୃତୀୟ ପାଳିରେ ଆର୍ଥିକ ବର୍ଷ ୨୦୨୫-୨୬ ପ୍ରଥମ ପୂର୍ଣ୍ଣାଙ୍ଗ ବଜେଟରେ ଓଡ଼ିଶାକୁ ରେଳ କ୍ଷେତ୍ରରେ ୧୦ ହଜାର ୫୯୯ କୋଟି ଟଙ୍କା ରେକର୍ଡସଂଖ୍ୟକ ଅନୁଦାନ ଦେଇଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଓ କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଧନ୍ୟବାଦ ଜଣାଇଛନ୍ତି।

ଶ୍ରୀ ପ୍ରଧାନ କହିଛନ୍ତି ଯେ ବିକଶିତ ଭାରତ ବଜେଟରେ ଓଡ଼ିଶାକୁ ଅଗ୍ରାଧିକାର ଦେଇ ରେଳ ଭିତ୍ତିଭୂମି ସୁଦୃଢ଼ କରିବା ପାଇଁ ମୋଦୀ ସରକାର ଗୁରୁତ୍ୱ ଦେଇଛନ୍ତି । ପୂର୍ବ କଂଗ୍ରେସ ସରକାର ଶେଷ ୫ ବର୍ଷରେ ହାରାହାରି ରାଜ୍ୟକୁ ବାର୍ଷିକ ୮୩୮ କୋଟି ଟଙ୍କା ଅନୁଦାନ ମିଳୁଥିଲା । ମାତ୍ର ମୋଦୀ ସରକାରରେ ଚଳିତ ରେଳ ବଜେଟରେ ଓଡ଼ିଶାର ରେଳ କ୍ଷେତ୍ର ପାଇଁ ଯେଉଁ ଅନୁଦାନ ମିଳିଛି, ତାହା କଂଗ୍ରେସ ସରକାର ତୁଳନାରେ ହାରାହାରି ପ୍ରାୟ ୧୨.୫ ଗୁଣା ବୃଦ୍ଧି ଘଟିଛି । ପୂର୍ବୋଦୟ ମିଶନରେ ଏହି ରେକର୍ଡସଂଖ୍ୟକ ରେଳ ଅନୁଦାନ ଓଡ଼ିଶାରେ ରେଳ ଭିତ୍ତିଭୂମିକୁ ଆହୁରି ସୁଦୃଢ଼ କରିବା ସହ ଯାତ୍ରୀ ସୁବିଧାକୁ ଅଧିକ ସୁଗମ କରିବ ବୋଲି ସେ କହିଛନ୍ତି।

ଓଡ଼ିଶାରେ ମୋଦୀ ସରକାର ଆସିବା ପରେ ୨,୦୪୬ କିମି ନୂଆ ରେଳ ଲାଇନ ତିଆରି ହୋଇଛି, ଯାହା ମ୍ୟାଲେସିଆର ରେଳ ନେଟୱାର୍କରୁ ଅଧିକ । ଓଡ଼ିଶାରେ ରେଳ ଲାଇନର ଶତପ୍ରତିଶତ ବିଦ୍ୟୁତିକରଣ ହୋଇଥିବା ବେଳେ ୭୩,୭୨୩ କୋଟି ଟଙ୍କା ବ୍ୟୟରେ ୪,୭୮୪ କିମିର ୪୮ଟି ପ୍ରକଳ୍ପର କାମ ଚାଲୁରହିଛି । ସେହିପରି ୨୩୭୯ କୋଟି ଟଙ୍କା ବ୍ୟୟରେ ୫୯ଟି ଅମୃତ ଷ୍ଟେସନର ବିକାଶ ହେଉଛି । ଓଡ଼ିଶାରେ ୬ଟି ବନ୍ଦେ ଭାରତ ଏକ୍ସପ୍ରେସ ଚାଲୁରହିଛି, ଯାହା ଦ୍ୱାରା ୧୭ଟି ଜିଲ୍ଲାର ଲୋକମାନେ ଉପକୃତ ପାଉଛନ୍ତି । ସେହିପରି ଗୋଟିଏ ଅମୃତ ଭାରତ ଏକ୍ସପ୍ରେସ ଓ ଅନ୍ୟାନ୍ୟ ସୁବିଧା ରେଳ ଯାତ୍ରୀଙ୍କ ଯାତାୟତକୁ ସହଜ କରିଛି । ରେଳ ଯାତ୍ରୀଙ୍କ ସୁରକ୍ଷା ଏବଂ ଟ୍ରେନ ଦୁର୍ଘଟଣାକୁ ରୋକିବା ପାଇଁ ଓଡିଶାରେ ୧,୮୯୮ ଟ୍ରାକରେ କବଚ ଲାଗିସାରିଛି । ଏହି ରେକର୍ଡସଂଖ୍ୟକ ରେଳ ଅନୁଦାନ ଓଡ଼ିଶାରେ ରେଳ ଭିତ୍ତିଭୂମିକୁ ଆହୁରି ସୁଦୃଢ଼ କରିବା ସହ ଯାତ୍ରୀ ସୁବିଧାକୁ ସହଜ କରିବ । ସେହିପରି ୩୪୮ କୋଟି ଟଙ୍କା ବ୍ୟୟରେ ସମ୍ବଲପୁର ଷ୍ଟେସନ, ୩୦୮ କୋଟି ବ୍ୟୟରେ ଭୁବନେଶ୍ୱର, ୩୦୩ କୋଟି ବ୍ୟୟରେ କଟକ, ୧୬୨ କୋଟି ବ୍ୟୟରେ ପୁରୀ, ୧୯୭ କୋଟି ବ୍ୟୟରେ ବାଲେଶ୍ୱର, ୪୧ କୋଟି ବ୍ୟୟରେ ରାୟଗଡ଼ା ଏବଂ ୪୩ କୋଟି ବ୍ୟୟରେ ଭଦ୍ରକ ରେଳ ଷ୍ଟେସନର ପୁନଃବିକାଶ ହେଉଛି । ଏହି ସବୁ ଦ୍ୱାରା ବିକଶିତ ଓଡ଼ିଶାର ଲକ୍ଷ୍ୟ ପୂରଣ ହେବା ସହ ଓଡ଼ିଶାର ସାମାଜିକ, ଆର୍ଥିକ ଓ ପର୍ଯ୍ୟଟନ କ୍ଷେତ୍ରରେ ପ୍ରଗତି ହେବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି।

# ଜେଲରେ ଠକ ଦମ୍ପତିଙ୍କୁ ମାରାଥନ ଜେରା



**ଭୁବନେଶ୍ୱର, ୩।୨ (ମହାଭାରତ):** ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ପି.କେ. ମିଶ୍ରଙ୍କ ଝିଅ ଓ ଜ୍ୱାଇଁର ପରିଚୟ ଦେବା ସହ ନାମ ପରିବର୍ତ୍ତନ କରି ବଡ଼ବଡ଼ିଆଙ୍କୁ ଠକିଥିବା ହାଇପ୍ରୋଫାଇଲ ଠକ ଯୋଡ଼ି ହଂସିତା ଅଭିଲିପ୍ସା ଓରଫ ବିଷ୍ଣୁପ୍ରିୟା ଚନ୍ଦ ଓ ଅନିଲ କୁମାର ମହାନ୍ତି ଏବେ ଝାରପଡା ଜେଲରେ ଦିନ କାଟୁଛନ୍ତି। ଏଭଳି ସ୍ଥିତିରେ ଆଜି ଆୟକର ବିଭାଗର ଏକ ଟିମ୍ ଝାରପଡ଼ା ଜେଲରେ ପହଞ୍ଚି ହଂସିତା ଏବଂ ଅନୀଲଙ୍କୁ ପଚରାଉଚରା ଆରମ୍ଭ କରିଛି। ପୂର୍ବରୁ ଆୟକର ବିଭାଗ ୧୬ଟି ସ୍ଥାନରେ ଚଢାଉ କରି ଅନେକ ତଥ୍ୟ ହାସଲ କରିଛି। ଏପରିକି ୫୮ କୋଟିର ବେନାମୀ ସମ୍ପତ୍ତିର ପ୍ରମାଣ ଆଇଟି ହାତରେ ଲାଗିଛି। ପଚରାଉଚରା ପରେ ହାଇପ୍ରୋଫାଇଲ ଠକ ଯୋଡ଼ିଙ୍କ ଆଉ ଅନେକ ଗୁମର ପଦାକୁ ଆସିବ ବୋଲି ଜଣାପଡିଛି।

ପୋଲିସ ତଦନ୍ତରୁ ଏମାନଙ୍କ କଳା ସାମ୍ରାଜ୍ୟର ନୂଆ । ନୂଆ । ତଥ୍ୟ ସାମ୍ନାକୁ ଆଣିଛି। କେବଳ ଠକେଇ ନୁହେଁ, ହଂସିତା ଓ ଅନିଲ ଯୁବତୀ ଚାଲାଣରେ ସମ୍ପୃକ୍ତ ଥିଲେ ବୋଲି ପୋଲିସ ତଦନ୍ତ ବେଳେ ଜାଣିବାକୁ ପାଇଛି। ଏନେଇ ଇନଫୋସିଟି ଥାନାରେ ଉଭୟଙ୍କ ନାଁରେ ଦ ଇମୋରାଲ ଟ୍ରାଫିକ (ପ୍ରିଭେନସନ) ଆକ୍ଟ ୧୯୫୬ର ଦଫା ୫, ଆଇଟି ଆକ୍ଟ ୨୦୦୦ର ଦଫା ୬୭ ଓ ଆଇପିସି ଦଫା ୧୨୦-ବିରେ ମାମଲା (ନଂ.୧୪/୨୦୨୫) ରୁଜୁ ହୋଇଛି।

ପୂର୍ବ ମାମଲାର ତଦନ୍ତ ଅଧିକାରୀ ଦାୟିତ୍ୱରେ ଥିବା ସ୍ପେଶାଲ କ୍ରାଇମ ୟୁନିଟର ଇନ୍ସପେକ୍ଟର ମାନସ କୁମାର ସ୍ୱାଇଁ ଘଟଣାର ଅନୁସନ୍ଧାନ କରୁଥିବା ବେଳେ ଏହି ଅପରାଧିକ ଦିଗ ଜାଣିବାକୁ ପାଇଥିଲେ। ଏନେଇ ସେ ଇନଫୋସିଟି ଥାନାରେ ଏତଲା ମଧ୍ୟ ଦିଆଯାଇଛି। ଏହି ସମ୍ପର୍କରେ ପୋଲିସ ପକ୍ଷରୁ ଭୁବନେଶ୍ୱର ଜେଏମଏଫସି-୨ କୋର୍ଟକୁ ମଧ୍ୟ ଅବଗତ କରାଯାଇଛି। ଏହି ମାମଲାକୁ ଲଗାଇ ହଂସିତାଙ୍କ ନାଁରେ ଇନ୍ଫୋସିଟି ଥାନାରେ ୩ଟି ମାମଲା ରୁଜୁ ହୋଇଛି। ପୋଲିସ ତଦନ୍ତ ବେଳେ ହଂସିତାଙ୍କ ମୋବାଇଲ ଓ ଲାପଟପରେ ବହୁ ସୁନ୍ଦରୀ ଯୁବତୀଙ୍କ ଫଟୋ ମିଳିଛି। ଏଥିସହ ବିଭିନ୍ନ ଗ୍ରାହକ ଓ ଏଜେଣ୍ଟଙ୍କ ସହ ଯୁବତୀଙ୍କ ଫଟୋ ପଠାଇ ଟଙ୍କା ଡିଲ କରାଯାଇଥିବା ମଧ୍ୟ ଚାର୍ଟରୁ ପ୍ରମାଣ ମିଳିଛି।

# ଖଣ୍ଡଗିରିରେ ଅଶ୍ଳୀଳ ନୃତ୍ୟ କଲେ ଠେଙ୍ଗା ମାଡ଼



**ଭୁବନେଶ୍ୱର, ୩।୨ (ମହାଭାରତ):** ଆରମ୍ଭ ହେବାକୁ ଯାଉଛି ଖଣ୍ଡଗିରି ମେଳା। ଏହି ମେଳାର ଅନ୍ୟତମ ଆକର୍ଷଣ ହେଉଛି ଯାତ୍ରା। ଏହା ଦେଖିବାକୁ ପାଇଁ ଦର୍ଶକଙ୍କର ବେଶ ଭିଡ ଜମିଥାଏ। ହେଲେ ଏହି ନାଟକ ପରିବେଷଣ ନେଇ ଚଳିତ ବର୍ଷ ବେଶ ବିବାଦୀୟ ହୋଇପଡିଛି। କାରଣ ଏହି ଯାତ୍ରପାର୍ଟିରେ ଅଭିନେତ୍ରୀ ବା ନୃତ୍ୟଶିଳ୍ପୀମାନେ ଉଲଗ୍ନ ହୋଇ ନୃତ୍ୟକୁ ବିରୋଧ କରାଯାଇଛି।

ଏହି ବିରୋଧରେ ସାମିଲ ହୋଇଛନ୍ତି ସେହି ଅଞ୍ଚଳର ସରକାରୀ ଦଳର ବିଧାୟକ ବାବୁ ସିଂ। ଖାଲି ବିରୋଧ ନୁହେଁ ସେ ଠେଙ୍ଗା ଧରି ଧମକ ଦେଇଛନ୍ତି। ଯେଉଁମାନେ ଅଶ୍ଳିଳ ନୃତ୍ୟ ପ୍ରଦର୍ଶନ କରିବେ ସେମାନଙ୍କୁ ଠେଙ୍ଗାରେ ପିଟିବାକୁ ଧମକ ଦେଇଛନ୍ତି ବିଧାୟକ। ଆଜି ସେ ନିଜର ସମର୍ଥକଙ୍କୁ ନେଇ ଏହି ଠେଙ୍ଗା ପ୍ରଦର୍ଶନୀ କରିଛନ୍ତି। ଚେତାବନୀ ଦେଇଛନ୍ତି ଯିଏ ମଞ୍ଚରେ ଅଶ୍ଳିଳ ନୃତ୍ୟ ପ୍ରଦର୍ଶନ କରିବ ତାହାକୁ ଠେଙ୍ଗା ପ୍ରହାର ଦିଆଯିବ।

ଆଜି ମା' ବାରଭୁଜାଙ୍କ ପାଖରେ ଏକାମ୍ର ବିଧାୟକଙ୍କ ନେତୃତ୍ୱରେ ଶହେ ଠେଙ୍ଗା ପୂଜା କରାଯାଇଛି। କେବଳ ଖଣ୍ଡଗିରି ନୁହେଁ ସାରା ଓଡ଼ିଶାରେ ଯୁବକ ଯୁବତୀଙ୍କ ନେତୃତ୍ୱରେ ଏଭଳି ପଦକ୍ଷେପ ନିଆଯିବ। ଅଶ୍ଳୀଳ ପ୍ରଦର୍ଶନକାରୀଙ୍କୁ ଖଣ୍ଡଗିରିରେ ପଶିବାକୁ ଦିଆଯିବ ନାହିଁ । ସେମାନଙ୍କ ସମେତ ଅନ୍ୟ ଯେଉଁମାନେ ଏଭଳି ଚେଷ୍ଟା କରିବେ ସଠିକ ଉତ୍ତର ପାଇବେ ବୋଲି କହିଛନ୍ତି ବିଧାୟକ ବାବୁ ସିଂ ।

ସେପଟେ ଖଣ୍ଡଗିରି ଯାତ୍ରାରେ ଅଶ୍ଳୀଳ ନୃତ୍ୟକୁ ନେଇ ବିଏମ୍‌ସି କମିଶନର ଚେତାବନୀ ଦେଇଛନ୍ତି। ପରମ୍ପରା ଓ ମର୍ଯ୍ୟାଦା ଭିତରେ ଯାତ୍ରା ପରିବେଶଣ ପାଇଁ ସେ କହିଛନ୍ତି। ସବୁ ଯାତ୍ରା କମିଟି ଏନେଇ ଅବଗତ ରହିଛନ୍ତି। ଆଶା କରୁଛୁ ଗାଇଡଲାଇନ ଅନୁସାରେ ଯାତ୍ରା ହବ ବୋଲି ବିଏମସି କମିଶନର କହିଛନ୍ତି। ଏହା ସହ ଖଣ୍ଡଗିରିରେ ପରିମଳ ବ୍ୟବସ୍ଥା, ସ୍ଥାୟୀ ଆଲୋକୀକରଣ, ପାନୀୟ ଜଳକୁ ଅଧିକ ଗୁରୁତ୍ୱ ଦିଆଯିବ ବୋଲି ସେ କହିଛନ୍ତି।

ତେବେ ବାବୁଙ୍କ ଠେଙ୍ଗା ପ୍ରଦର୍ଶନୀକୁ ନେଇ ମୁହଁ ଖୋଲିଲେ ରାଣୀ ପ୍ରିୟଦର୍ଶିନୀ କହଛନ୍ତି ଯେ, ଯେଉଁମାନେ ଅଶ୍ଳୀଳତା କରୁଛନ୍ତି ସେମାନଙ୍କୁ ଠେଙ୍ଗାପାହାର। ଯେଉଁମାନେ ନିଜ ପେଟପାଟଣା ପାଇଁ ଆଇଟମ୍ ଡ୍ୟାନ୍ କରୁଛନ୍ତି ସେମାନଙ୍କୁ ନୁହେଁ। ଯଦି ଏହା ବନ୍ଦ ହେବନି ରାଣୀ ପିୟଦର୍ଶିନୀଙ୍କୁ କେହି ଅଟକଇ ପାରିବେନି ଡ୍ରେସ୍ ପିନ୍ଧି ସାଲୁଆର ପିନ୍ଧି ମଞ୍ଚରେ ହେଉ ମଞ୍ଚ ବାହାରେ ହେଉ ଣ୍ଡଗିରିରେ ମୁଁ ନାଚିବି।

## ଖଣ୍ଡଗିରି ମେଳା ସ୍ଥିତି ସମୀକ୍ଷା କଲେ ବିଏମସି କମିଶନର

**ଭୁବନେଶ୍ୱର, ୩।୨ (ମହାଭାରତ):** ଆସନ୍ତାକାଲି ଠାରୁ ଆରମ୍ଭ ହେବାକୁ ଯାଉଛି ଖଣ୍ଡଗିରି ମେଳା। ଏହାପୂର୍ବରୁ ସ୍ଥିତି ସମୀକ୍ଷା କରିଛନ୍ତି ବିଏମସି କମିଶନର ରାଜେଶ ପ୍ରଭାକର ପାଟିଲ। ଖଣ୍ଡଗିରିରେ ବଳବତ୍ତର ରହିବ ପରିମଳ ବ୍ୟବସ୍ଥା। ସ୍ଥାୟୀ ଆଲୋକିକରଣ, ପାନୀୟ ଜଳକୁ ଅଧିକ ଗୁରୁତ୍ୱ ଦିଆଯାଇଛି। ପବିତ୍ର ଫଂଚକୁଣ୍ଡର ଖୁବ ଶୀଘ୍ର ହେବ ପୁନରୁଦ୍ଧାର। ପ୍ରତି ୧୦୦ ମିଟର ନିୟୋଜିତ ହେବେ ଜଣେ ଲେଖାଏଁ ସ୍ୱଚ୍ଛ କର୍ମୀ। ଜନସାଧାରଣଙ୍କୁ ଅନୁରୋଧ କରିଲେ ମାଘ ମେଳାରେ କିପରି ପରିବେଶ ସଫାସୁତୁରା ରହିବା ସେଥିପ୍ରତି ଯତ୍ନବାନ ହୁଅନ୍ତୁ। ଅସ୍ଥାୟୀ ଶୌଚାଳୟ ପକେଇବା ସହ ଆଲୋକ ଏବଂ ପାନୀୟ ଜଳ ସୁବନ୍ଦୋବସ୍ତ କରାଯାଇଛି । ଯାହା କାମ ବାକି ରହିଛି ଆଜି ସନ୍ଧ୍ୟା ସୁଦ୍ଧା ସାରିବାକୁ ଲକ୍ଷ୍ୟ ରଖିଛି।

## ୩ ଦୁର୍ଦ୍ଦାନ୍ତ ଅପରାଧି ଗିରଫ

**ଭୁବନେଶ୍ୱର, ୩।୨ (ମହାଭାରତ):** ଶନିବାର ରାତିରେ ବାରଙ୍ଗ ଥାନା ପୁଲିସ ଏକ ବଡ଼ଧରଣର ଡକାୟତି ରୋକିବାରେ ସଫଳ ହୋଇଛିୟ ଖବର ପାଇ ପୁଲିସ୍ ତ୍ୱରିତ କାର୍ଯ୍ୟାନୁଷ୍ଠାନ ନେବାରୁ ଡକାୟତି ପାଇଁ ପ୍ରସ୍ତୁତ ହେଉଥିବା ୩ ଦୁର୍ଦ୍ଦାନ୍ତ ଅପରାଧୀ ଧରାପଡ଼ିଯାଇଛନ୍ତି। ଅଭିଯୁକ୍ତମାନେ ହେଲେ କଟକ ଜିଲ୍ଲା ନରସିଂହପୁର ଅଞ୍ଚଳର ସଂଗ୍ରାମ ଦାସ(୩୯), ବାରଙ୍ଗ ଥାନା ନରାଜ ଗ୍ରାମର ଦେବୀପ୍ରସାଦ ଦଳେଇ(୨୨) ଓ କଟକ ମଙ୍ଗଳାବାଗ ଥାନା ଅଞ୍ଚଳର ବାପିନା ପାତ୍ର(୨୬)। ପୁଲିସ ସେମାନଙ୍କ କାରରୁ ଏକ ଦେଶୀ ବନ୍ଧୁକ, ଭୁଜାଲି, ୨ଟି ବୋମା ଜବତ କରିଛି। ଆଜି ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି ଏବଂ ଘଟଣାସ୍ଥଳରୁ ଫେରାର୍ ହୋଇଯାଇଥିବା ଅନ୍ୟମାନଙ୍କୁ ଧରିବା ପାଇଁ ଚଢ଼ଉ ଜାରି ରହିଛି। ଶନିବାର ରାତି ପ୍ରାୟ ୧୧ଟା ବେଳେ ପୁଲିସକୁ ଏକ ଖବର ମିଳିଥିଲା ଯେ କିଛି ଦୁର୍ବୃତ୍ତ ନରାଜ ପାହାଡ଼ ତଳେ ଓମ୍ଫେଡ୍ ପ୍ଲାଣ୍ଟ ପାଖ ରେଳବାଇ ଅଣ୍ଡରପାସରେ ଏକାଠି ହୋଇଛନ୍ତି। ଏକ ନମ୍ବରବିହୀନ କାରେ ୫/୭ଜଣ ଦୁର୍ବୃତ୍ତ ଥିବା ନେଇ ପୁଲିସକୁ ସୂଚନା ମିଳିଥିଲା। ସେମାନଙ୍କ ସନ୍ଦେହଜନକ ଗତିବିଧିକୁ ଲକ୍ଷ୍ୟ କରି ସ୍ଥାନୀୟ କିଛି ଯୁବକ ଗୋଡ଼ିସାହି ଫାଣ୍ଡି ପୁଲିସକୁ ଏହି ଖବର ଜଣାଇଥିଲେ। ଫାଣ୍ଡି ଅଧିକାରୀ ବାରଙ୍ଗ ଥାନାକୁ ଜଣାଇବା ପରେ ଆରମ୍ଭ ହୋଇଥିଲା ପୁଲିସ ଅପରେସନ୍। ଅତର୍କିତ ଭାବେ ରେଳବାଇ ଅଣ୍ଡରପାସକୁ ଦୁଇ ପଟୁ ପୁଲିସ ଘେରିଯାଇଥିଲା। ତଥାପି ୩/୪ ଜଣ ଅନ୍ଧାର ସୁଯୋଗରେ ରେଳଧାରଣା ଉପରକୁ ଉଠି ଦେଢ଼ିଥିଲେ। ପୁଲିସ ଗୋଡ଼ାଇ ଗୋଡ଼ାଇ ଜଣକୁ କାବୁ କରିଥିଲା ଏବଂ ଅନ୍ୟମାନେ ଖସିଯିବାରେ ସକ୍ଷମ ହୋଇଥିଲେ। ଏମିତିରେ ପୁଲିସ ପଞ୍ଝାରେ ପଡ଼ିଯାଇଥିଲେ ସଂଗ୍ରାମ, ଦେବୀପ୍ରସାଦ ଓ ବାପିନାୟ କାର୍ ଯାଞ୍ଚ କଲାବେଳେ ଭିତରୁ ଗୋଟିଏ ବନ୍ଧୁକ, ୨ଟି ବୋମା ଓ ଭୁଜାଲି ମିଳିଥିଲା।

# ବିକଶିତ ଓଡିଶା ଗଠନରେ "ରେଳପଥ" ପ୍ରମୁଖ ଭୂମିକା ନିର୍ବାହ କରିବ : ମନମୋହନ

**ଭୁବନେଶ୍ୱର,୩।୨ (ମହାଭାରତ):** କେନ୍ଦ୍ରରେ ମୋଦି ସରକାର ଶାସନକୁ ଆସିବା ପରେ ଓଡିଶାର ବିକାଶକୁ ଗତି ମିଳିଛି । ବର୍ତମାନ ରାଜ୍ୟର ପ୍ରତ୍ୟେକ ଜିଲ୍ଲାକୁ ରେଳପଥ ସହ ସଂଯୋଗ କରାଯିବାର କାର୍ଯ୍ୟ ଦୃତ ଗତିରେ ଆଗେଇ ଚାଲିଛି । ରାଜ୍ୟରେ ପ୍ରଥମ ଥର ପାଇଁ ବିଜେପି ସରକାର ଗଠନ ହେବା ପରେ ବର୍ତମାନ ସମସ୍ତ ବାଧାବିଘ୍ନକୁ ଦୂର କରାଯାଇ ବିକାଶକୁ ପ୍ରାଧାନ୍ୟ ଦିଆଯାଉଛି । ଦଶନ୍ଧି ଦଶନ୍ଧି ଧରି ବିଳମ୍ବିତ ହୋଇ ପଡି ରହିଥିବା ରେଳ ପ୍ରକଳ୍ପ କାର୍ଯ୍ୟ ଆଗେଇ ଚାଲିଛି । ଡବଲ ଇଂଜିନ ସରକାରରେ ରେଳପଥ ନିର୍ମାଣ କାମ ବାଧାପ୍ରାପ୍ତ ହେବ ନାହିଁ । ଓଡିଶାର ସାମୁହିକ ଓ ସନ୍ତୁଳିତ ବିକାଶ ପାଇଁ ରେଳପଥ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ରାଜ୍ୟ ସଭାପତି ଶ୍ରୀ ମନମୋହନ ସାମଲ କହିଛନ୍ତି ।

ବିକଶିତ ଓଡ଼ିଶା ଗଠନରେ ରେଳପଥ ପ୍ରମୁଖ ଭୂମିକା ନିର୍ବାହ କରିବ । ଏହାକୁ ଉପଲବ୍ଧି କରି ଯଶସ୍ୱୀ ପ୍ରଧାନମନ୍ତ୍ରୀ ମୋଦିଜୀ ଓଡ଼ିଶାରେ ରେଳର ଆଧୁନିକରଣ ଏହାର ଭିତିଭୂମି ସଜାଡ଼ିବା ଉପରେ ଅଧିକ ଗୁରୁତ୍ୱ ଦେଉଛନ୍ତି । ରେଳ ବଜେଟ୍‌ରେ ପୁଣି ଥରେ ଓଡ଼ିଶାକୁ ଗୁରୁତ୍ୱ ଦିଆଯାଇଛି । ଓଡିଶାର ରେଳ ବିକାଶ କ୍ଷେତ୍ରରେ ୨୦୨୫-୨୬ ଆର୍ଥୀକ ବର୍ଷ ପାଇଁ ଆଜି ୧୦,୫୯୯ କୋଟି ଟଙ୍କାର ସର୍ବକାଳୀନ ସର୍ବାଧିକ ଆର୍ଥୀକ ଅନୁଦାନ ବ୍ୟୟବରାଦ ହୋଇଛି । ରେଳବାଇ ବିକାଶ କ୍ଷେତ୍ରରେ ଓଡିଶାର ସର୍ବାଙ୍ଗୀନ ଉନ୍ନତି ସକାଶେ ପ୍ରଧାନମନ୍ତ୍ରୀଙ୍କ ଆନ୍ତରିକତା ଓ ରେଳମନ୍ତ୍ରୀଙ୍କ ପ୍ରଚେଷ୍ଟା ପାଇଁ ରାଜ୍ୟ ସଭାପତି ଶ୍ରୀ ସାମଲ, ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କୁ କୃତଜ୍ଞତା ଏବଂ ରେଳମନ୍ତ୍ରୀ ଶ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଧନ୍ୟବାଦ ଜଣାଇଛନ୍ତି । ବର୍ତମାନ ରାଜ୍ୟରେ ୭୩,୭୨୩ କୋଟି ଟଙ୍କାର ରେଳ ପ୍ରକଳ୍ପ କାର୍ଯ୍ୟ ଜାରୀ ରହିଛି । ୨୩୭୯ କୋଟି ଟଙ୍କା ବିନିମୟରେ ୫୯ଟି ଷ୍ଟେସନକୁ ଅମୃତ ଷ୍ଟେସନ ଭାବେ ରୁପାନ୍ତରିତ କରାଯାଉଥିବାବେଳେ ରାଜ୍ୟରେ ଶତ ପ୍ରତିଶତ ରେଳଲାଇନ ବିଦ୍ୟୁତିକରଣ ହୋଇସାରିଛି । ରାଜ୍ୟରେ ୧୮୯୮ କିମି ଟ୍ରାକରେ "କବଚ" (ସ୍ୱୟଂଚାଳିତ ଟ୍ରେନ ସୁରକ୍ଷା) ଲାଗିବାର ପ୍ରକ୍ରିୟା ଜାରୀ ରହିଛି । ରେଳ ସେବା ପ୍ରଦାନ କ୍ଷେତ୍ରରେ ଚଳିତ ବଜେଟରେ ଓଡିଶାକୁ ଗୁରୁତ୍ୱ ଦିଆଯାଇଛି ।

# ନବନିଯୁକ୍ତ ଅନୁଦାନପ୍ରାପ୍ତ ବେସରକାରୀ ସ୍ନାତକୋତ୍ତର ଶିକ୍ଷକ-ଶିକ୍ଷୟିତ୍ରୀଙ୍କ କର୍ମଶାଳା




**ଭୁବନେଶ୍ୱର, ୩।୨ (ମହାଭାରତ):** ସ୍ଥାନୀୟ ଓଡ଼ିଶା ବୈଷୟିକ ବିଶ୍ୱ ବିଦ୍ୟାଳୟ ପରିସରସ୍ଥିତ ଇମେଜ୍ ସଭାଗୃହରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ, ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ (ଓସେପା) ର ମିଳିତ ଆନୁକୂଲ୍ୟରେ ନବ ନିଯୁକ୍ତ ଅନୁଦାନପ୍ରାପ୍ତ ବେସରକାରୀ ସ୍ନାତକୋତ୍ତର ଶିକ୍ଷକ-ଶିକ୍ଷୟିତ୍ରୀମାନଙ୍କ ପାଂଚ ଦିନିଆ କର୍ମଶାଳା ଉଦଘାଟିତ ହୋଇଯାଇଛି । ଏହି କର୍ମଶାଳା ଆସନ୍ତା ଫେବୃଆରୀ ୭ ତାରିଖ ଯାଏଁ ଚାଲିବ । କର୍ମଶାଳାର ପ୍ରଥମ ପର୍ଯ୍ୟାୟରେ ନବନିଯୁକ୍ତ ଅନୁଦାନପ୍ରାପ୍ତ ବେସରକାରୀ ସ୍ନାତକତ୍ତର ପ୍ରାୟ ୧୦୦ ଜଣ ଶିକ୍ଷକ-ଶିକ୍ଷୟିତ୍ରୀ ଏହି କର୍ମଶାଳାରେ ଭାଗନେଇଛନ୍ତି।

ଉଦଘାଟନୀ ଅଧିବେଶନରେ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ରଘୁରାମ୍ ଆର୍ ଆୟାର୍ ସମସ୍ତ ଅତିଥି ଏବଂ କର୍ମଶାଳାରେ ଯୋଗଦେଇଥିବା ସମସ୍ତ ଅଂଶଗ୍ରହଣକାରୀ ଏବଂ ନିର୍ଦ୍ଦେଶାଳୟର ସମସ୍ତ ପଦାଧିକାରୀ ଓ କର୍ମଚାରୀମାନଙ୍କୁ ସ୍ୱାଗତ କରିବା ସହ କର୍ମଶାଳାର ଉଦ୍ଦେଶ୍ୟ ଏବଂ ବିଭିନ୍ନ ଅଧିବେଶନ ବିଷୟରେ ସମ୍ୟକ ସୂଚନା ପ୍ରଦାନ କରିଥିଲେ । ନିର୍ଦ୍ଦେଶକ ଆୟାର୍ ଜାତୀୟ ଶିକ୍ଷାନୀତି ୨୦୨୦ ଅନ୍ତର୍ଗତ ଆବଶ୍ୟକୀୟ ପରିବର୍ତ୍ତନ ସମ୍ପର୍କରେ ଅବଗତ କରାଇବା ସହ ପରୀକ୍ଷା ସମ୍ପର୍କିତ ଦିଗଦର୍ଶନ ଦେଇଥିଲେ । ଏଥିସହିତ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରୀକ୍ଷା ସମ୍ପର୍କିତ ଏକ ବିଶେଷ ଅଧିବେଶନ ପରିଚାଳନା କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ ।

ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ଆଂଚଳିକ ନିର୍ଦ୍ଦେଶକ, ସମ୍ବଲପୁର ବିକାଶ ଚନ୍ଦ୍ର ପ୍ରଧାନ ଅଂଶଗ୍ରହଣକାରୀମାନଙ୍କୁ ଶିକ୍ଷାଦାନ କ୍ଷେତ୍ରରେ ସେମାନଙ୍କର ଆଚରଣ, ଉଚ୍ଚାରଣ ଏବଂ ପରିଚାଳନା କ୍ଷେତ୍ରରେ ଉତ୍ତମ ପ୍ରଦର୍ଶନ ପାଇଁ ପରାମର୍ଶ ଦେଇଥିଲେ । ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଅତିରିକ୍ତ ଶାସନସଚିବ ତଥା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ଅଧକ୍ଷା ଶୁଭଶ୍ରୀ ନନ୍ଦ ଶିକ୍ଷାର ମହତ ଉଦ୍ଦେଶ୍ୟ ପ୍ରତିପାଦନ କରିବା ସହିତ ଅଂଶଗ୍ରହଣକାରୀମାନଙ୍କୁ ନିଷ୍ଠାର ସହିତ ତାଙ୍କର ଗୁରୁ ଦାଇତ୍ୱ ସୁଚାରୁରୂପେ ସମ୍ପାଦନ କରିବା ପାଇଁ ପ୍ରେରଣା ଦେଇଥିଲେ କ୍ଷ ସେହିପରି ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ଯୁଗ୍ମ ନିର୍ଦ୍ଦେଶିକା ଜୁଲି ମଙ୍ଗରାଜ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଯୁଗ୍ମ ନିର୍ଦ୍ଦେଶିକା ସସ୍ମିତା ମାଳି ଅଧିବେଶନର ପରିଚାଳନା ଦାୟିତ୍ୱ ବହନ କରିଥିଲେ ।

## ଯମୁନା ନଦୀ ଜଳ ପ୍ରଦୂଷିତ

ଦିଲ୍ଲୀରେ ଜଳ ଯୋଗାଣର ମୁଖ୍ୟ ଉତ୍ସ ଯମୁନା ନଦୀର ଜଳ ଏତେ ମାତ୍ରାରେ ପ୍ରଦୂଷିତ ହୋଇଯାଇଛି ଯେ, ଏହା ଏବେ ମନୁଷ୍ୟ ବ୍ୟବହାର ଉପଯୋଗୀ ହୋଇ ରହିନାହିଁ। ଏହାକୁ ଜଳ ନୁହେଁ, ଜହର ବୋଲି କୁହାଯାଇପାରେ। ଏଥିଲାଗି ବିଜେପି ପକ୍ଷରୁ କେଜରିୱାଲଙ୍କୁ ଜବାବ ମଗାଯାଇଛି। କିନ୍ତୁ କେଜରିୱାଲ ଏହାର ଅଦ୍ଭୁତ ଉତ୍ତର ଦେଇଛନ୍ତି। ସେ ଅଭିଯୋଗ କରିଛନ୍ତି ଯେ, ହରିୟାନାର ବିଜେପି ସରକାର ଦିଲ୍ଲୀର ଆପ ସରକାରଙ୍କୁ ବଦନାମ କରିବା ନିମନ୍ତେ ଯମୁନାରେ ବିଷ ମିଶାଉଛନ୍ତି। ଏହା ଏକ ଅତି ମାରାତ୍ମକ ଏବଂ ସଙ୍ଗୀନ ଅଭିଯୋଗ। ଏହାକୁ ହାଲୁକାଭାବେ ନିଆଯିବା ଅନୁଚିତ। ଏଥିନେଇ ଇସି କୈଫିୟତ ତଲବ କରିଛନ୍ତି। ଅନ୍ୟ ପକ୍ଷରେ ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି ଯେ, ସେ ଯେଉଁ ପାଣି ପାଉଛନ୍ତି, ସେଥିରେ ହରିୟାନାର ବିଜେପି ସରକାର ବିଷ ମିଶାଇବା ଅଭିଯୋଗ ହାସ୍ୟାସ୍ପଦ। ଏହା କିପରି ସମ୍ଭବ, କିଏ ଏଥିପାଇଁ ସାହସ କରିବ ବୋଲି ମୋଦିଜୀ ପ୍ରଶ୍ନ କରିଛନ୍ତି। ଏଥର ଦିଲ୍ଲୀ ବିଧାନସଭା ନିର୍ବାଚନରେ ପ୍ରଦୂଷଣ ସମସ୍ୟା ଏକ ବଡ଼ ପ୍ରସଙ୍ଗ ହୋଇଛି। ଦିଲ୍ଲୀର ବାୟୁ ପ୍ରଦୂଷଣ ସମସ୍ୟା ସମ୍ପର୍କରେ ସମସ୍ତେ ଅବଗତ। ପ୍ରତି ବର୍ଷ ଶୀତ ଦିନେ ଏହା ଏକ ବଡ଼ ଚିନ୍ତାର କାରଣ ହେଉଛି। ପଞ୍ଜାବର ଚାଷୀମାନେ ନିଜ ଜମିରେ ଯେଉଁ କୃଷି ବର୍ଜ୍ୟ ବସ୍ତୁ ସବୁ ଜାଳୁଛନ୍ତି ସେଥିରୁ ନିର୍ଗତ ଧୂଆଁ ଦିଲ୍ଲୀରେ ବାୟୁ ପ୍ରଦୂଷଣର ମୁଖ୍ୟ କାରଣ ହୋଇଛି। ସୁପ୍ରିମକୋର୍ଟଙ୍କ ତାଗିଦ ସତ୍ତ୍ୱେ ପଞ୍ଜାବର ଚାଷୀମାନେ ଏହାକୁ ବନ୍ଦ କରିବାକୁ ପ୍ରସ୍ତୁତ ନୁହଁନ୍ତି। ଏଥିପାଇଁ ଦିଲ୍ଲୀ ସରକାରଙ୍କୁ ଦାୟୀ କରାଯାଇପାରିବ ନାହିଁ। କିନ୍ତୁ ଉଭୟ ଦିଲ୍ଲୀ ଏବଂ ପଞ୍ଜାବରେ ଆପ ସରକାର ଚାଲୁଛି। ତେଣୁ ଆପ ଦିଲ୍ଲୀ ବାୟୁ ପ୍ରଦୂଷଣ ନିମନ୍ତେ ଉତ୍ତରଦାୟୀ। ସେହିପରି ଦିଲ୍ଲୀରେ ପ୍ରବାହିତ ହେଉଥିବା ଯମୁନା ନପଦୀର ଜଳ ପ୍ରଦୂଷଣ ମଧ୍ୟ ଏଥର ନିର୍ବାଚନରେ ଏକ ବଡ଼ ପ୍ରସଙ୍ଗ ହୋଇଛି। ୨୦୨୦ରେ କେଜରିୱାଲ ଯମୁନା ନଦୀର ଜଳକୁ ପ୍ରଦୂଷଣ ମୁକ୍ତ କରିବା ନିମନ୍ତେ ପ୍ରତିଶ୍ରୁତି ଦେଇଥିଲେ। ଦିଲ୍ଲୀରେ ଯମୁନାକୁ ଲଣ୍ଡନର ଟେମସ ନଦୀ ଭଳି କରାଯିବ ବୋଲି ସେ କହିଥିଲେ। କିନ୍ତୁ ୫ ବର୍ଷ ଭିତରେ ଏହି ପ୍ରତିଶ୍ରୁତି ପୂରଣ ହେବା ଦୂରର କଥା ବରଂ ଯମୁନା ଦଳ ଅଧିକ ପ୍ରଦୂଷିତ ହୋଇଛି। ଏହାର ଜଳ ଏବେ ମନୁଷ୍ୟ ବ୍ୟବହାର ଲାଗି ଅନୁପଯୁକ୍ତ ହୋଇପଡ଼ିଛି। ଏହାର ଜଳ ଏତେ ବିଷାକ୍ତ ହୋଇପଡ଼ିଛି ଏଥିରେ ଥିବା ଜଳଜୀବଙ୍କ ସ୍ଥିତି ପ୍ରତି ମଧ୍ୟ ବିପଦ ଆଶଙ୍କା ସୃଷ୍ଟି ହୋଇଛି। କିଛି ମାସ ତଳେ ଯମୁନା ନଦୀରେ ଫେଣ ଭାସୁଥିବା ଦେଖାଯାଇଥିଲା। ଜଳରେ ଅତ୍ୟଧିକ ରାସାୟନିକ ସାମଗ୍ରୀ ମିଶିଲେ ଏଭଳି ଦେଖିବାକୁ ମିଳେ। ଦିଲ୍ଲୀ ଏବଂ ଏହାର ଆଖ ପାଖ ଅଞ୍ଚଳରେ ଯେଉଁସବୁ ଶିଳ୍ପ କାରଖାନା ରହିଛି ସେଥିରୁ ନିର୍ଗତ ହେଉଥିବା ରାସାୟନିକ ବର୍ଜ୍ୟ ବସ୍ତୁ ଯମୁନାରେ ମିଶୁଥିବାରୁ ଏହାର ଜଳ ଏପରି ମାରାତ୍ମକ ଭାବେ ପ୍ରଦୂଷିତ ହେଉଛି। ଏହାର ପ୍ରତିକାର ସମ୍ଭବ। କିନ୍ତୁ ଦିଲ୍ଲୀ ସରକାର ଶସ୍ତା ଲୋକପ୍ରିୟ କାର୍ଯ୍ୟକ୍ରମରେ ସମୟ ଦେଉଛନ୍ତି, ମାଗଣା ବଣ୍ଟନ ବା ରିହାତି ବାବଦରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ଅଥଚ ଯମୁନା ଜଳ ବିଶୋଧନ ଉପରେ କୌଣସି ଦୃଷ୍ଟି ଦେଇ ନାହାଁନ୍ତି। ଯଦି ଯମୁନା ନଦୀର ଜଳ ବିଶୋଧନ ଲାଗି କେଜରିୱାଲ ସମୁଚିତ ଦୃଷ୍ଟି ଦେଇଥାଆନ୍ତେ ତେବେ ପରିସ୍ଥିତି ଭିନ୍ନ ହୋଇଥାଆନ୍ତା। ଏହା ହିଁ ଭାରତୀୟ ରାଜନୀତିର ବ୍ୟତିକ୍ରମ। ରାଷ୍ଟ୍ରୀୟ ସ୍ୱାର୍ଥ ଏବଂ ସାଧାରଣ ଲୋକଙ୍କ ବୃହତ୍ତର ସ୍ୱାର୍ଥ ପ୍ରତି କେହି ଗୁରୁତ୍ୱ ଦେଉ ନାହାଁନ୍ତି। ସମସ୍ତେ ଭୋଟ ବ୍ୟାଙ୍କ ରାଜନୀତିରେ ମାତିଛନ୍ତି। ଯେଉଁଠି ଭୋଟ ମିଳିବାର ସମ୍ଭାବନା କମ ତାହାକୁ ଅଣଦେଖା କରାଯାଉଛି। ଚଳିତ ବିଧାନସଭା ନିର୍ବାଚନରେ ଯମୁନା ନଦୀର ଜଳ ପ୍ରଦୂଷଣକୁ ବିଜେପି ଏକ ବଡ଼ ପ୍ରସଙ୍ଗ କରିଛି। ନିର୍ବାଚନୀ ସଭାରେ ଗୃହ ମନ୍ତ୍ରୀ ଅମିତ ଶାହା ଏହି ପ୍ରସଙ୍ଗ ଉଠାଇ କେଜରିୱାଲଙ୍କୁ ଯମୁନାରେ ବୁଡ଼ ପକାଇବାକୁ ଆହ୍ୱାନ କରିଛନ୍ତି।

*“ ;ସେହିପରି ଆମେ ଯେତେବେଳେ ବିଶ୍ୱାସର ସହିତ ଯେକୌଣସି ଉଦ୍ଦେଶ୍ୟରେ ଭଗବାନଙ୍କ ନାମ କରୁ ସେତେବେଳେ ଆମର ମନ ଅନ୍ତର୍ମୁଖୀ ହୁଏ ଏବଂ ସେହି କାର୍ଯ୍ୟରେ ମନୋନିବେଶ ହୁଏ। ନାମ ଜପ କଲେ ନାମର ଗୋଟିଏ ସ୍ପନ୍ଦନ ଉପସ୍ଥିତ ହୁଏ। ସେହି ସ୍ପନ୍ଦନ ଆମର ସର୍ବାଙ୍ଗରେ, ସମସ୍ତ ତନ୍ତୁ, କୋଷ, ସ୍ନାୟୁ ତଥା ସମସ୍ତ ଯନ୍ତ୍ରରେ, କ୍ରମେ କ୍ରମେ ଅନ୍ତଃରାଜ୍ୟରେ ପ୍ରବେଶ କରି ଅନ୍ତରପ୍ରଦେଶକୁ କମ୍ପିତ କରିବା ଦ୍ୱାରା ମର୍ମସ୍ଥାନ ସଞ୍ଜିବନୀ ଶକ୍ତି କମ୍ପନ ଦ୍ୱାରା ଉତ୍ତେଜିତ ହୋଇପଡ଼େ।*

# ସତ୍ୟନାମର ମାହାତ୍ମ୍ୟ

॥ ଡାକ୍ତର ଉମେଶ ଚନ୍ଦ୍ର ପାତ୍ର ॥

ସତ୍ୟନାମରେ ତ୍ରିତାପଜ୍ୱାଳା ବିଦୂରିତ ହୁଏ। ଏହି ନାମ ଦ୍ୱାରା ଯେପରି ଆଧ୍ୟାତ୍ମିକ ଉନ୍ନତ ବା ଆତ୍ମାର ଉନ୍ନୟନ ଅତି ସତ୍ୱର ଅତି ସହଜରେ ହୁଏ, ସେହିପରି ସାଂସାରିକ ଦୁଃଖ-କଷ୍ଟ, ଯନ୍ତ୍ରଣା, ବିପଦ-ଆପଦ, ରୋଗଶୋକାଦି ମଧ୍ୟ ଶୀଘ୍ର ବିଦୂରିତ ହୁଏ। ସାଧାରଣତଃ ଦେଖାଯାଏ ଯେ କୌଣସି ଜଣେ ଲୋକକୁ ଯଦି ଗୋଟିଏ ଅଙ୍କ କରିବାକୁ ଦିଆଯାଏ, ସେ ସେହି ଅଙ୍କଟି କଠିନ ଏକଥା ଶୁଣିଲେ ବା ଅଙ୍କଟି କଠିନ ମନେ କଲେ ତା'ପକ୍ଷରେ ସେ ଅଙ୍କ କରିବା ଆଉ ସାଧ୍ୟ ହୁଏନାହିଁ। 'ଅଙ୍କଟି କରିପାରିବି ନାହିଁ' - ଏହି ଭାବ ମନରେ ଆସିଲେ ସେହି ଅଙ୍କରେ ସେ ଆଉ ମନୋନିବେଶ କରିପାରେନା। ମନଟି ନିବଷ୍ଟ ନ ହେଲେ ଆଉ ତାହାଦ୍ୱାରା ସେ ଅଙ୍କ ହୋଇପାରେନା। ହୁଏତ ଅଙ୍କଟି ସେ କରିପାରିବ ବିଶ୍ୱାସ କରି ଆରମ୍ଭ କଲେ ସେଥିରେ ତାର ମନ ନିବିଷ୍ଟ ହୁଅନ୍ତା, ଫଳରେ ସେ ଚେଷ୍ଟା କରି ହୁଏତ ସଫଳତା ଲାଭ କରିପାରନ୍ତା। ବିଶ୍ୱାସରେ ମନୋନିବେଶ ହୁଏ ଏବଂ ତଦ୍ଦ୍ୱାରା ଆଭ୍ୟନ୍ତରୀଣ ସୁପ୍ତଶକ୍ତିର ଉଦବୋଧନରେ କାର୍ଯ୍ୟରେ ସଫଳତା ଲାଭ ହୁଏ। ସେଥିପାଇଁ ଭଗବାନ କୃଷ୍ଣ ଶ୍ରୀମଦ ଭଗବତ ଗୀତାରେ କହିଛନ୍ତି - ଯୋଗ କର୍ମସୁ କୌଶଳଂ।

ସେହିପରି ଆମେ ଯେତେବେଳେ ବିଶ୍ୱାସର ସହିତ ଯେକୌଣସି ଉଦ୍ଦେଶ୍ୟରେ ଭଗବାନଙ୍କ ନାମ କରୁ ସେତେବେଳେ ଆମର ମନ ଅନ୍ତର୍ମୁଖୀ ହୁଏ ଏବଂ ସେହି କାର୍ଯ୍ୟରେ ମନୋନିବେଶ ହୁଏ। ନାମ ଜପ କଲେ ନାମର ଗୋଟିଏ ସ୍ପନ୍ଦନ ଉପସ୍ଥିତ ହୁଏ। ସେହି ସ୍ପନ୍ଦନ ଆମର ସର୍ବାଙ୍ଗରେ, ସମସ୍ତ ତନ୍ତୁ, କୋଷ, ସ୍ନାୟୁ ତଥା ସମସ୍ତ ଯନ୍ତ୍ରରେ, କ୍ରମେ କ୍ରମେ ଅନ୍ତଃରାଜ୍ୟରେ ପ୍ରବେଶ କରି ଅନ୍ତରପ୍ରଦେଶକୁ କମ୍ପିତ କରିବା ଦ୍ୱାରା ମର୍ମସ୍ଥାନ ସଞ୍ଜିବନୀ ଶକ୍ତି କମ୍ପନ ଦ୍ୱାରା ଉତ୍ତେଜିତ ହୋଇପଡ଼େ। ମର୍ମସ୍ଥାନ ବା ଜୀବନୀ ଶକ୍ତି ଉତ୍ତେଜିତ ହେଲେ ଗୋଟାଏ ପ୍ରବାହ ଉପସ୍ଥିତ ହୁଏ, ଏବଂ ସେହି ପ୍ରବାହ ଦ୍ୱାରା ସମସ୍ତ ଯନ୍ତ୍ର, ଶରୀର ଓ ମନର କାର୍ଯ୍ୟକାରିତା ବୃଦ୍ଧି ପାଏ।

ଆମ ଶରୀର ମଧ୍ୟରେ ହିଁ ଆରୋଗ୍ୟକାରୀ ଶକ୍ତି ବର୍ତ୍ତମାନ ଅଛି। କୌଣସି ପ୍ରକାର ଔଷଧ ବା ଉଷ୍ଣତା ବା ଶୈତ୍ୟାଦି ପ୍ରୟୋଗ ଦ୍ୱାରା ରୋଗ ଭଲ ହୁଏ ନାହିଁ। ଏଗୁଡ଼ିକର ପ୍ରୟୋଗ ଦ୍ୱାରା ସେହି ସୁପ୍ତ ଆରୋଗ୍ୟକାରୀ ଶକ୍ତିକୁ ଉଦବୋଧିତ ବା ଜାଗ୍ରତ କରିଦିଏ ବୋଲି ରୋଗ ଆରୋଗ୍ୟ ହୁଏ। ସେହିପରି ଭାବରେ ଜୀବନୀଶକ୍ତି ଉତ୍ତେଜିତ ହେଲେ ଆମ୍ଭମାନଙ୍କ ଶରୀରର ସମସ୍ତ ଯନ୍ତ୍ର କାର୍ଯ୍ୟକ୍ଷମ ହୁଏ। ସେମାନଙ୍କର କାର୍ଯ୍ୟକାରୀ ଶକ୍ତି ଉତ୍ତେଜିତ ହେବା ଦ୍ୱାରା ଆମର ଆଳସ୍ୟ, ମୋହ ଇତ୍ୟାଦି ଦୂରୀଭୂତ ହୋଇ ଆମେ ଖୁବ କାର୍ଯ୍ୟକ୍ଷମ ହେଉ। ପୁଣି ଠିକ୍ ସେହି ହିସାବରେ ଆମ ଦେହର ବା ଦେହ ଯନ୍ତ୍ରର ପୀଡ଼ା ଦୂରୀଭୂତ ହୁଏ। ପୀଡ଼ା ଯଦି ସାଧାରଣ ହୋଇଥାଏ ତେବେ କେବଳ ନାମ ଜପ ଦ୍ୱାରା ତାହାର ନିରାକରଣ ହୋଇପାରେ। ଯେତେ ପରିମାଣର ରୋଗାକ୍ରମଣ ସେତେ ପରିମାଣର ନାମ କମ୍ପନରେ ହିଁ ଉପକାର ହୋଇପାରେ, ଅଥବା ତତପେକ୍ଷା ଉଚ୍ଚ ଡିଗ୍ରୀର ନାମରେ ମଧ୍ୟ ହୋଇପାରେ, କିନ୍ତୁ ନିମ୍ନ ଡିଗ୍ରୀର ନାମରେ ହୋଇପାରେନା। ଯେପରି ଓଁର ଏକ ନିର୍ଦ୍ଦିଷ୍ଟ ଡିଗ୍ରୀର କମ୍ପନ ଅଛି। ସେହି ଓଁ ଜପ କଲେ ବାୟୁମଣ୍ଡଳରେ ନାମକାରୀର ଦେହରେ ବା ଶ୍ରୋତାର ଦେହରେ ଓଁ ଡିଗ୍ରୀର ଯେଉଁ କମ୍ପନ ଅଛି ତାହା ହିଁ ସ୍ପନ୍ଦିତ ହେବ। ଭାବାତ୍ମକ ବା ବର୍ଣ୍ଣାତ୍ମକ ନାମ ଦ୍ୱାରା ସ୍ଥୂଳ କମ୍ପନ ହୁଏ, କିନ୍ତୁ ଧ୍ୱନ୍ୟାତ୍ମକ ନାମ, ଅନାହତ ନାଦ ବା ବୀଜମନ୍ତ୍ର ଦ୍ୱାରା ସୂକ୍ଷ୍ମ କମ୍ପନ ହୁଏ। ପୁଣି ଯେଉଁ ବୀଜମନ୍ତ୍ର ଯେତେ ସୂକ୍ଷ୍ମତର ଓ ସୂକ୍ଷ୍ମତମ ଅର୍ଥାତ୍ ସତ୍ୟାଦି ଉଚ୍ଚତମ ଧାମର ବୀଜ, ତାହା ଜପ କରିବା ଦ୍ୱାରା ସେତେ ଅଧିକ ସୂକ୍ଷ୍ମଦେଶ, ଇଥର ବା ଇଲେକଟ୍ରନାଦି ପର୍ଯ୍ୟନ୍ତ ଏବଂ ନର ଦେହର ସେତେ ଅଧିକ ସୂକ୍ଷ୍ମଦେଶ ବା ମର୍ମସ୍ଥାନ ପର୍ଯ୍ୟନ୍ତ କମ୍ପିତ ହୁଏ ଏବଂ ସେତେ ବେଶୀ ଶକ୍ତିର କମ୍ପନ ଉପସ୍ଥିତ ହୁଏ, ସୁତରାଂ କଠିନ ରୋଗ ଆରୋଗ୍ୟ ପାଇଁ ବା କୌଣସି କଠିନ କାର୍ଯ୍ୟ ସାଧନ ଅଥବା ଉଚ୍ଚତମ ଆଧ୍ୟାତ୍ମିକତା ଲାଭ କରିବା ପାଇଁ ଉଚ୍ଚତମ ସ୍ତରର ବୀଜ ଜପ କରିବା ଦରକାର।

ସେଥିପାଇଁ ସାଧକ ଗାଇଛନ୍ତି - 'ନାମେ ଶୁଷ୍କତରୁ ମୁଞ୍ଜରିଲା।' ଅର୍ଥାତ୍ ନାମ ଦ୍ୱାରା ଶୁଷ୍କତରୁ ପଲ୍ଲବିତ ହୁଏ। ସେଥିପାଇଁ ନାମ ଦ୍ୱାରା ମୃତ ମଣିଷ ମଧ୍ୟ ବଞ୍ଚିପାରେ। ଯେଉଁମାନେ ରୋଗୀ, ସେମାନଙ୍କୁ ସତ୍ୟନାମ ଜପ କରାଇବା ଦ୍ୱାରା ଉପରୋକ୍ତ କାରଣରୁ ଏବଂ ସେଥି ସହିତ ବିଶ୍ୱାସ ବଳରେ ଆରୋଗ୍ୟ ଲାଭ ଘଟିଥାଏ। ଯେ ଯେଉଁ ଉଦ୍ଦେଶ୍ୟରେ ଯେପରି ଭାବରେ ନାମ କରେ, ସେହି କାର୍ଯ୍ୟରେ ତାହାର ମନୋଯୋଗ ହୋଇ ମନ ସଂଯତ ଓ ସଂଯୁକ୍ତ ହୁଏ ଏବଂ ତାହା ଫଳ ଲାଭ କରିବାରେ ସହାୟତା କରେ। କିନ୍ତୁ ଯେଉଁ ରୋଗୀର ସଂଜ୍ଞାଶୂନ୍ୟାବସ୍ଥା ହୋଇଥାଏ, ତାକୁ ନାମ ଦ୍ୱାରା ଆରୋଗ୍ୟ କରିବାକୁ ହେଲେ, ନାମକାରୀ ବ୍ୟକ୍ତିକୁ ଉଚ୍ଚତମ ଶକ୍ତିମାନ ନାମ ଜପ କରି ନାମମୟ ହୋଇ ରୋଗୀକୁ ସ୍ପର୍ଶ କରି ଏକାନ୍ତ ମନରେ ନାମ କରିବାକୁ ହେବ। ତଦ୍ଦ୍ୱାରା ତାହାର ନାମକାରୀର ଶରୀରରେ ଯେ କମ୍ପନ ହୁଏ ତାହା ବୈଦ୍ୟୁତିକ ଶକ୍ତି ଧାରା ପରି ରୋଗୀର ଶରୀରର ସମଜାତୀୟତା ବଶତଃ ଆଭ୍ୟନ୍ତରରେ ପ୍ରବେଶ କରି ପୂର୍ବୋଲ୍ଲିଖିତ ପ୍ରଣାଳୀ କ୍ରମେ ରୋଗ ନିରାମୟ କରେ। ଏହା ସଙ୍ଗେ ସଙ୍ଗେ ତାହାର ନିରାମୟ ଭାବର ଇଚ୍ଛାଶକ୍ତିର କ୍ରିୟା ମଧ୍ୟ ହୋଇଥାଏ। ମଣିଷର ଶାଖା ଅର୍ଥାତ୍ ହସ୍ତପଦର ଅଙ୍ଗୁଳି ନେଗେଟିଭ ପୋଲର କାର୍ଯ୍ୟ କରେ। ସେହି ଅଙ୍ଗୁଳି ସମୂହରେ ଅନ୍ତର୍ବାହୀ ଓ ବହିର୍ବାହୀ ସ୍ନାୟୁ ରହିଛି, ତଦ୍ଦ୍ୱାରା ଚୈତନ୍ୟ ଶକ୍ତିଧାରା ବାହିତ ହୋଇଥାଏ। ଉତ୍ତମାଙ୍ଗ ବା ଦେହ ପଜିଟିଭ ପୋଲ କାର୍ଯ୍ୟ କରେ। ସୁତରାଂ ଯେ ବ୍ୟକ୍ତି ନାମମୟ ହୋଇ ନାମ କରେ ତାହାର ହସ୍ତ ରୋଗୀର ଉତ୍ତମାଙ୍ଗରେ ବା ଦେହରେ ସଂସ୍ଥାପିତ ହେଲେ ଭଲ କାର୍ଯ୍ୟ ହୁଏ। ନାମର କମ୍ପନ ରୋଗୀର ଗୃହ, ତନ୍ମଧ୍ୟସ୍ଥ ବାୟୁ, ଅଣୁ-ପରମାଣୁ ଓ ଇଥର ଇତ୍ୟାଦିକୁ ମଧ୍ୟ ସ୍ପନ୍ଦିତ କରିଦିଏ। ତାହାର ଫଳ ମଧ୍ୟ ରୋଗୀ ଲାଭ କରିଥାଏ। ଯେପରି କୌଣସି ସ୍ଥାନରେ କୌଣସି ଅସତ୍ କାର୍ଯ୍ୟ କଲେ ବା ଅସତ୍ ବାକ୍ୟ ଉଚ୍ଚାରିତ ହେଲେ ସେହି ସ୍ଥାନର ଅଣୁ-ପରମାଣୁ ଓ ଇଥର ପ୍ରଭୃତିରେ ସେହି ଅସତ୍ ଭାବର କମ୍ପନ ଯେପରି ବିସ୍ତାର ଲାଭ ଘଟିଥାଏ, ନାମ କମ୍ପନରେ ମଧ୍ୟ ତଦ୍ରୂପ ହୋଇଥାଏ। ଗୋଟିଏ ସତ୍ୟ ଘଟଣା ଅଛି। କୌଣସି ଏକ ସ୍ଥାନରେ ଗୋଟିଏ ଛୁରୀ ଦ୍ୱାରା ନରହତ୍ୟା ହୋଇଥିଲା। ତାପରେ ଦେଖାଗଲା, ସେହି ନରହତ୍ୟା ଭାବ କମ୍ପନ ସେହି ଛୁରୀରେ ଏପରି ଭାବରେ ପ୍ରବେଶ କରିଥିଲା ଯେ, ଯେ କେହି ବ୍ୟକ୍ତି ସେହି ଛୁରୀ ହାତରେ ଧରିଲେ ତାହାର ନରହତ୍ୟା କରିବାର ଇଚ୍ଛା ହେଉଥାଏ। ସେହିପରି ସାଧୁପୁରୁଷ ଓ ମହାପୁରୁଷଗଣ ନାମମୟ ରହୁଥିବାରୁ ସେମାନଙ୍କ ଅଙ୍ଗ ସଂଶ୍ଲିଷ୍ଟ ପ୍ରତ୍ୟେକ ବସ୍ତୁ ହିଁ ନାମ କମ୍ପନମୟ ହୋଇଥାଏ। ସେତେବେଳେ ସେହିସବୁ ବସ୍ତୁ ଦ୍ୱାରା ଅନେକଙ୍କର ଅନେକ ଉଦ୍ଦେଶ୍ୟ ସଫଳ ହୁଏ। ଯେପରି ସାଧୁ ପିଟରଙ୍କ ଗାମୁଛା ସ୍ପର୍ଶ ଦ୍ୱାରା ବହୁ ବ୍ୟକ୍ତିଙ୍କର ରୋଗ ଆରୋଗ୍ୟ ହେଉଥିଲା। ସାଧୁଙ୍କ ଚରଣଧୂଳି ବା ଚରଣାମୃତରେ ଅନେକ ରୋଗ ଆରୋଗ୍ୟ ହୋଇଥାଏ। ଜଣେ ଜଜକୋର୍ଟର ଓକିଲ ପୂଣ୍ୟପୋଥିର ଭାଷ୍ୟକାର ଲେଖିଛନ୍ତି ଜଣେ ଭଦ୍ରଲୋକର ହାତ ଧରି ମୋର ମନ ହେଉଥିଲା - ଯେପରି ତାଙ୍କର ସମସ୍ତ ଶିରାକମ୍ପନ ସେହି ଓଁକାର ଧ୍ୱନି ଶୁଣା ଯାଉଛି।

# ଓଡ଼ିଶାର ଅନନ୍ୟ ଅକ୍ଷୟ ସମ୍ପଦ - ମାଣ୍ଡିଆ

॥ ବିପିନ ବିହାରୀ ରାଉତ ॥

ଦିନ ଥିଲା ମାଣ୍ଡିଆକୁ ଗରିବ ଓ ଅନଗ୍ରସର ଲୋକଙ୍କ ଖାଦ୍ୟ ରୂପେ ବିବେଚନା କରାଯାଇ ଆଡ଼ ଆଖିରେ ଦେଖାଯାଉଥିଲା। କିନ୍ତୁ ଏବେ ସମୟ ବଦଳିଛି। ଆଜିର ଦିନରେ ମାଣ୍ଡିଆ ଓ ମାଣ୍ଡିଆ ଜାତୀୟ ଖାଦ୍ୟ ବା ମିଲେଟ ଥିଲାବାଲାଙ୍କ ଖାଦ୍ୟ ଥାଳିରେ ସ୍ଥାନ ପାଉଛି। ପୁଷ୍ଟିସାର, ଲୌହ, ଜୀବସାର, ଖଣିଜ ଓ ତନ୍ତୁଜାତୀୟ ଉପାଦାନରେ ସମୃଦ୍ଧ ମିଲେଟ ଏବେ ବିକଳ୍ପ ବିହୀନ ଖାଦ୍ୟ ଶସ୍ୟ ଭାବେ ମାନ୍ୟତା ପାଇଛି। ଅପରପକ୍ଷରେ ମିଲେଟ ଧାନ ପରି ଏକ ସୁକୁମାରୀ କୃଷିଜାତ ଶସ୍ୟ ନୁହେଁ। ଏହା ଯେ କୌଣସି ମାଟିରେ, ଯେକୌଣସି ଜଳବାୟୁରେ ବିନା ଜଳ ସେଚନରେ ମଧ୍ୟ ବଢ଼ିପାରେ। ଧାନ ଚାଷରୁ ଉତ୍ପନ୍ନ ମିଥେନ ବାଷ୍ପ ବିଶ୍ୱ ତାପମାନ ବୃଦ୍ଧିର ଅନ୍ୟତମ କାରଣ ହୋଇଥିବାବେଳେ ମିଲେଟ ଏହି ଅଭିଯୋଗରୁ ମୁକ୍ତ। ମିଲେଟର ରୋଗପୋକ ପ୍ରତିରୋଧକ ଶକ୍ତି ଧାନ ଠାରୁ ବହୁ ଅଧିକ। ତେଣୁ ମିଲେଟ ଚାଷ କୀଟନାଶକ ଓ ରାସାୟନିକ ସାର ଜନିତ ଖର୍ଚ୍ଚ ରହିତ। ଏକ ପକ୍ଷରେ ତୁଳନାତ୍ମକ ଭାବେ ବହୁ କମ ଖର୍ଚ୍ଚରେ ଓ ଅପରପକ୍ଷରେ ଅଧିକ ପୁଷ୍ଟିକର ଖାଦ୍ୟ ଭାବେ ମିଲେଟ ଯେ କ୍ଷୁଧାମୁକ୍ତ ଓ ପୌଷ୍ଟିକ ବିଶ୍ୱ ଗଠନରେ ପ୍ରଧାନ ଭୂମିକା ନିର୍ବାହ କରିବାକୁ ଯାଉଛି ଏଥିରେ ଦ୍ୱିରୁକ୍ତି ନାହିଁ। ଦେଶରେ ଯେପରି କୌଣସି ଲୋକ ଭୋକରେ ରହିବେ ନାହିଁ ତାହା ନିଶ୍ଚିତ କରିବାକୁ ସୁପ୍ରିମକୋର୍ଟ ନିକଟରେ କେନ୍ଦ୍ର ସରକାରଙ୍କୁ ଦେଇଥିବା ପରାମର୍ଶ କାର୍ଯ୍ୟକାରୀ କରିବାରେ ମଧ୍ୟ ମିଲେଟ ଏକ ନିର୍ଣ୍ଣାୟକ ଭୂମିକା ନେବ।

କ୍ଷୁଧାମୁକ୍ତ ବିଶ୍ୱ ଗଠନ ପରିକଳ୍ପନାରେ ମିଲେଟର ଏହି ବିକଳ୍ପବିହୀନ ଓ ପ୍ରଧାନ ଅବଦାନକୁ ସମ୍ମାନ ଦେଇ ଏବଂ ମିଲେଟ ପ୍ରତି ଆଦରଣୀୟତା ବୃଦ୍ଧି ନିମନ୍ତେ ଜାତିସଂଘ ଆଗାମୀ ବର୍ଷ ଅର୍ଥାତ୍ ୨୦୨୩କୁ ଆନ୍ତର୍ଜାତିକ ମିଲେଟ ବର୍ଷ ରୂପେ ପାଳନ କରିବାକୁ ନିଷ୍ପତ୍ତି ନେଇଛି। ଇଟାଲୀର ରୋମ ଠାରେ ଅବସ୍ଥିତ ଖାଦ୍ୟ ଓ କୃଷି ସଂଗଠନର ମୁଖ୍ୟାଳୟ ଠାରେ ଗତକାଲି ଠାରୁ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଉଦଘାଟନୀ ଉତ୍ସବରେ ଶୁଭେଚ୍ଛା ବାର୍ତ୍ତାରେ କହିଛନ୍ତି ଯେ ବିଶ୍ୱରେ ଏବେ ବି ଖାଦ୍ୟ ସୁରକ୍ଷା ଏକ ମୁଖ୍ୟ ଆହ୍ୱାନ ହୋଇ ରହିଛି। ବିଶେଷକରି କରୋନା ମହାମାରୀ ପରେ କେତେକ ବିବାଦୀୟ ପରିସ୍ଥିତି ଏହି ସମସ୍ୟାକୁ ଆହୁରି ଜଟିଳ କରିଛି। ଏହି ପୃଷ୍ଠଭୂମିରେ ଭବିଷ୍ୟତର ପ୍ରମୁଖ ଖାଦ୍ୟ ରୂପେ ମିଲେଟକୁ ଗ୍ରହଣ କରିବା ହିଁ ବର୍ତ୍ତମାନ ସମୟର ଆବଶ୍ୟକତା। ଏହା ଗ୍ରାହକ, କୃଷକ ଓ ପରିବେଶ ପାଇଁ ହିତକର। କୃଷି ଉତ୍ପାଦନରେ ତଥା ଖାଦ୍ୟରେ ବିବିଧତା ସୃଷ୍ଟି ଏବଂ ପୁଷ୍ଟିହୀନତା ବିରୋଧ ସଂଗ୍ରାମରେ ମଧ୍ୟ ମିଲେଟ ସହାୟକ ହୋଇପାରିବ। ତେଣୁ ମିଲେଟ ମାଇଣ୍ଡଫୁଲନେସ ସୃଷ୍ଟି ହେବା ନିହାତି ଆବଶ୍ୟକ।

ଆଉ ଦୁଇପାଦ ଆଗକୁ ଯାଇ ଓଡ଼ିଶା ସରକାର ଗତ ନଭେମ୍ବର ୧୦ ତାରିଖକୁ ମିଲେଟ ଦିବସ ଭାବେ ପାଳନ କରିସାରିଛନ୍ତି। ଓଡ଼ିଶାରେ ମିଶନ ଶକ୍ତି, ବିଏସକେୱାଇ ପରେ ମିଲେଟ ମିଶନ ଏକ ପ୍ରମୁଖ କୃଷିଭିତ୍ତିକ ଅର୍ଥନୈତିକ ଆନ୍ଦୋଳନ ରୂପ ନେଇଛି। ଓଡ଼ିଶା ସରକାର ମଧ୍ୟ ଏଥିପାଇଁ ପ୍ରଚୁର ପ୍ରୋତ୍ସାହନ ଯୋଗାଉ ଦେଉଛନ୍ତି। ତେଣୁ ଜାତିସଂଘ ଏବଂ ବିଶ୍ୱ ଖାଦ୍ୟ ଓ କୃଷି ସଂଗଠନ ମିଲେଟକୁ ମୁଖ୍ୟ ଯୋଜନାରେ ସାମିଲ କରିବା ଓଡ଼ିଶା ପାଇଁ ଯେତିକି ଗୌରବ ଆଣିଛି ଓଡ଼ିଶାର କୃଷିଜୀବୀଙ୍କୁ ତା ଠାରୁ ଅଧିକ ସୁଯୋଗ ଦେଇଛି। ବିଶ୍ୱରେ ମିଲେଟ ଖାଦ୍ୟ ଚାହିଦା ବଢ଼ିଲେ ଓଡ଼ିଶାର ଚାଷୀମାନେ ଅଧିକରୁ ଅଧିକ ଏହି ଶସ୍ୟ ଚାଷ କରି ଉପକୃତ ହୋଇପାରିବେ। ଧାନ ଚାଷ ସହିତ ଜଡ଼ିତ ମରୁଡ଼ି, ବନ୍ୟା, ବାତ୍ୟା, ରୋଗ, ପୋକ ଭୟରୁ ଚାଷୀମାନେ ମୁକ୍ତ ହେବେ। ଗରିବ ଭୂମିହୀନ ଚାଷୀମାନେ ଆଉ ଚାଷଜନିତ କ୍ଷତି ଓ ଋଣଭାରରେ ଚିନ୍ତାଗ୍ରସ୍ତ ହୋଇ ଆତ୍ମହତ୍ୟା କରିବେ ନାହିଁ। ଅଧିକନ୍ତୁ ଚାଷୀ ପରିବାର ସ୍ୱଚ୍ଛଳ ହେବା ସହିତ ରାଜକୋଷ ମଧ୍ୟ ସମୃଦ୍ଧ ହୋଇପାରିବ।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ମାର୍ଗଦର୍ଶନରେ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଦ୍ୱାରା ଓଡ଼ିଶାରେ ୨୦୧୭ରୁ ଆରମ୍ଭ ହୋଇଥିବା ଓଡ଼ିଶା ମିଲେଟ ମିଶନ ଇତିମଧ୍ୟରେ ୩୦ଟି ଜିଲ୍ଲାର ୧୭୭ ବ୍ଲକରେ ସଫଳତାର ସହ କାର୍ଯ୍ୟକାରୀ ହେଉଛି। ୨୦୨୨-୨୩ ଖରିଫ ଋତୁ ସୁଦ୍ଧା ୭୪ ହଜାର ୮ଶହ ୨୦ ହେକ୍ଟର ଜମିରେ ମାଣ୍ଡିଆ ଚାଷ କରାଯାଉଥିବାବେଳେ ପ୍ରାୟ ୧ଲକ୍ଷ ୫୮ ହଜାରରୁ ଊର୍ଦ୍ଧ୍ୱ ଚାଷୀ ଏଥିରେ ସାମିଲ ହୋଇଛନ୍ତି। ମିଲେଟ ଅମଳ ପରବର୍ତ୍ତୀ ପରିଚାଳନା ପାଇଁ ୟୁନିଟ ସ୍ଥାପନର ବିକେନ୍ଦ୍ରୀକରଣ କରାଯିବା ସହିତ ଚାଷୀମାନେ ଯେପରି ସମନ୍ୱିତ ଶିଶୁ ବିକାଶ ଯୋଜନା, ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ବ୍ୟବସ୍ଥା, ସାଧାରଣ ବଣ୍ଟନ ବ୍ୟବସ୍ଥାରେ ମାଣ୍ଡିଆକୁ ସାମିଲ କରାଯାଇଛି ଏବଂ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଓ ସ୍ୱେଚ୍ଛାସେବୀ ସଂଗଠନ ମାଧ୍ୟମରେ ମାଣ୍ଡିଆରୁ ୩୦ରୁ ଊର୍ଦ୍ଧ୍ୱ ଖାଦ୍ୟ ସାମଗ୍ରୀ ପ୍ରସ୍ତୁତ କରି ଏହାର ବିକ୍ରୟ ପାଇଁ ଉପଯୁକ୍ତ ବଜାର ସୃଷ୍ଟି କରାଯାଉଛି। ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ ଦ୍ୱାରା ଆୟୋଜିତ ବୈଠକ ଓ ସମ୍ମିଳନୀରେ ମାଣ୍ଡିଆରୁ ପ୍ରସ୍ତୁତ ସ୍ନାକ୍ସ ପରସା ଯିବା ପାଇଁ ନିଷ୍ପତ୍ତି ହୋଇଛି। ମିଶନ ଶକ୍ତି ବିଭାଗ ସହାୟତାରେ ବିଭିନ୍ନ ଜିଲ୍ଲାରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଦ୍ୱାରା ୧୨୬ଟି ମିଲେଟ ଟିଫିନ ସେଣ୍ଟର ପରିଚାଳିତ ହେଉଛି। ୨ଟି ମିଲେଟ ଶକ୍ତି କାଫେ, ୨ଟି ମିଲେଟ ଶକ୍ତି ଆଉଟଲେଟ ଖୋଲାଯାଇଛି। ମିଲେଟ ଓ ମିଲେଟରୁ ପ୍ରସ୍ତୁତ ଖାଦ୍ୟ ସାମଗ୍ରୀର ପ୍ରଚାର ପ୍ରସାର ତଥା ବିକ୍ରି ପାଇଁ ୪ଟି ମିଲେଟ ଶକ୍ତି ଅନହୁଇଲର ବ୍ୟବସ୍ଥା କରାଯାଇଛି। ବିଶ୍ୱକପ ହକି ଅବସରରେ ଭୁବନେଶ୍ୱର ଓ ରାଉରକେଲାର ବିଭିନ୍ନ ଷ୍ଟାଡିୟମରେ ମିଲେଟ ପ୍ରସ୍ତୁତ ଖାଦ୍ୟ ସାମଗ୍ରୀ ପରସା ଯିବାର ବ୍ୟବସ୍ଥା ହୋଇଛି। ରାଜ୍ୟର ଜନଜାତି ବିଦ୍ୟାଳୟମାନଙ୍କରେ ଦୈନିକ ଛାତ୍ରଛାତ୍ରୀ ମାନଙ୍କ ମିଲେଟରୁ ପ୍ରସ୍ତୁତ ପୌଷ୍ଟିକ ଲଡୁ ବଣ୍ଟନ କାର୍ଯ୍ୟ ମଧ୍ୟ ଆରମ୍ଭ ହୋଇଛି। ରାଜ୍ୟର ବିଭିନ୍ନ ରେସ୍ତୋରାଁ ଓ କାଫେର ମେନ୍ୟୁରେ ମଧ୍ୟ ଚାଷକୁ ପ୍ରୋତ୍ସାହିତ କରିବା ପାଇଁ ମାସ୍କଟ ମିଲିକୁ ଦାୟିତ୍ୱ ଦିଆଯାଇଛି। ଓଡ଼ିଶାର ମିଲେଟ ମିଶନକୁ ନିତି ଆୟୋଗ ଓ ପ୍ରଧାନମନ୍ତ୍ରୀ ପ୍ରଶଂସା କରିବା ସହିତ ଜାତୀୟ ଓ ଆନ୍ତର୍ଜାତୀୟସ୍ତରରେ ସ୍ୱୀକୃତି ମିଳିଛି। ଅନ୍ୟ ରାଜ୍ୟମାନେ ଓଡ଼ିଶାର ଏହି ଯୁଗାନ୍ତକାରୀ ଅଭିଯାନକୁ ମଡ଼େଲ ଭାବେ ଗ୍ରହଣ କରୁଛନ୍ତି। ପ୍ୟାରିସରେ ଆୟୋଜିତ ବିଶାଳ ଅନ୍ତର୍ଜାତୀୟ ଖାଦ୍ୟ ଉତ୍ପାଦନ ପ୍ରଦର୍ଶନୀ ସିଆଲ୨୦୨୨ରେ ଓଡ଼ିଶାର ମିଲେଟ ସାମିଲ ହୋଇପାରିଛି। ଅନ୍ତର୍ଜାତୀୟ ସ୍ତରରେ ସବୁଜ ବିପ୍ଳବ କାର୍ଯ୍ୟକ୍ରମ ଜରିଆରେ କେମ୍ବ୍ରିଜ ବିଶ୍ୱବିଦ୍ୟାଳୟ ମଧ୍ୟ ଓଡ଼ିଶା ମିଲେଟ ମିଶନର ଭାଗିଦାରୀ ହୋଇଛି।

ଆଜି ସାଧାରଣ ମାଣ୍ଡିଆର ଅସାଧାରଣ ଗୁଣଗାନରେ ସାରା ବିଶ୍ୱ ପ୍ରଗଳ୍ଭ ହୋଇଥିବାବେଳେ ଓଡ଼ିଶାରେ ଗତ ପାଞ୍ଚ ବର୍ଷ ହେଲା ଆରମ୍ଭ ଏହି ନିରବ ବିପ୍ଳବ ଓଡ଼ିଶାର ଆଦିବାସୀ ଓ ଗ୍ରାମାଞ୍ଚଳ ପାଇଁ ପୌଷ୍ଟିକ ଖାଦ୍ୟ, କୃଷି ଆୟ ବୃଦ୍ଧି ଏବଂ କୃଷି ଓ ଖାଦ୍ୟାନ୍ନ ବିବିଧତାର ଅକ୍ଷୟ ଭଣ୍ଡାରର ବାର୍ତ୍ତା ଆଣିଦେଇଛି। ଦିନ ଆସିବ ମାଣ୍ଡିଆ, ବାଜରା, ଯଅ ଓ ସୁଆଁ ଆଦି ଧାନ ଓ ଗହମକୁ ଟପି କ୍ଷେତବାଡ଼ିରେ, ଖାଇବା ଥାଳିରେ ତଥା ହୋଟେଲ ଓ ରେସ୍ତୋରାଁରେ ପ୍ରାଧାନ୍ୟ ବିସ୍ତାର କରିବ, କେବଳ ଓଡ଼ିଶାରେ ନୁହେଁ ଓ ଭାରତରେ ନୁହେଁ ବରଂ ସାରା ବିଶ୍ୱରେ। ଓଡ଼ିଶାର ଦୂରଦର୍ଶୀ ମିଲେଟ ମିଶନ ଆମ ରାଜ୍ୟ ପାଇଁ ଏକ ନୂତନ ପୁଷ୍ଟିକର ପରିଚୟ ଆଣିଦେବ।

**ଶ୍ରୀବିହାର କଲୋନୀ, କଟକ, ଦୂରଭାଷ : ୯୪୩୭୬୬୬୪୫୩**

# ରାବଣକୁ ବେଦମତୀଙ୍କ ଅଭିଶାପ

॥ ଦିଲ୍ଲୀପ କୁମାର ମହାରଣା ॥

ପୂର୍ବ କାଳରେ ବୃହସ୍ପତି ନାମରେ ଜଣେ ରାଜା ଥିଲେ। ସେ ଅତି ପ୍ରଭାବଶାଳୀ ଓ ଧାର୍ମିକ ଥିଲେ। ତାଙ୍କର ପୁତ୍ରଙ୍କ ନାମ କୁଶଧ୍ୱଜ। ସେହି କୁଶଧ୍ୱଜ ଯେପରି ସୁନ୍ଦର ସେହିପରି ଶାନ୍ତ, ଶୁଶୀଳ ମଧ୍ୟ ଥିଲେ। ପ୍ରଜା ମାନଙ୍କୁ ସେ ପୁତ୍ରସମ ପାଳନ କରୁଥିଲେ। କୁଶଧ୍ୱଜ ରାଜା ରାଜ କାର୍ଯ୍ୟରୁ ଅବସର ମିଳିଲେ ସର୍ବଦା ବେଦପାଠ କରନ୍ତି। ସେହି ବେଦବାକ୍ୟରୁ ଏକ ଅନୁପମା ସୁନ୍ଦରୀ କନ୍ୟା ଜାତ ହେଲା। ସେହି କନ୍ୟାର ନାମ ବେଦମତୀ ବୋଲି ଦେଇ ରାଜା ରାଣୀଙ୍କ କୋଳରେ କନ୍ୟାକୁ ପ୍ରଦାନ କରି କହିଲେ, ରାଣୀ! ଏହି କନ୍ୟା ବେଦରୁ ସମ୍ଭୂତ ହୋଇଛି। ମୁଁ ଏହାର ନାମକରଣ କରିଛି ବେଦମତୀ। ଏହି କନ୍ୟା ପୃଥିବୀର ହିତାକାରିଣୀ ହେବ। ତେଣୁ ହେ ରାଣୀ ଏହାକୁ ଯତ୍ନରେ ପାଳନ କର। ଧୀରେ ଧୀରେ ଚନ୍ଦ୍ରମା ପରି ବେଦମତୀ ବଢ଼ିବାରେ ଲାଗିଲା। ବେଦମତୀଙ୍କ ରୂପ ଗୁଣ ଚମ୍ପକ ପୁଷ୍ପର ମହକ ପରି ଚଉଦିଗ ବ୍ୟାପିଗଲା। ଅନେକ ଦେଶ ଓ ରାଜ୍ୟରୁ ରାଜପୁତ୍ରମାନେ ଆସି କୁଶଧ୍ୱଜଙ୍କ ଦ୍ୱାରସ୍ଥ ହେଲେ ବେଦମତୀଙ୍କୁ ପ୍ରାପ୍ତି କରିବା ମାନସରେ। ତେବେ ସେ ବିଷ୍ଣୁଙ୍କ ପାଇଁ ଉଦ୍ଦିଷ୍ଟ ବୋଲି କହି କୁଶଧ୍ୱଜ ସମସ୍ତଙ୍କୁ ବାହୁଡ଼ାଇ ଦିଅନ୍ତି। ଶମ୍ଭୁ ନାମରେ ଏକ ରାକ୍ଷସ ଥିଲା ସେ ବେଦମତୀଙ୍କୁ ପାଇବାରେ ବିଫଳ ହେବାର ଦିନେ ଅର୍ଦ୍ଧରାତ୍ରିରେ କୁଶଧ୍ୱଜଙ୍କୁ ହତ୍ୟା କରି ପଳାୟନ କଲା।

କୁଶଧ୍ୱଜଙ୍କ ମୃତ୍ୟୁ ସମ୍ବାଦ ପାଇ ଅଗ୍ନିଜାଳି ତା ମଧ୍ୟରେ ପ୍ରବେଶ କଲେ। ବେଦମତୀ ପିତୃମାତୃ ଶୂନ୍ୟ ହୋଇ ହିମଗିରି ନିକଟରେ ପ୍ରଭୁପ୍ରାପ୍ତି ନିମନ୍ତେ ତପସ୍ୟା ରତ ହେଲେ। ଏପଟେ ଲଙ୍କାର ରାଜା ରାବଣ ବନରେ ବୁଲୁଥିବା ବେଳେ ଦେଖିଲା ଏକ ଅନିନ୍ଦ୍ୟ ସୁନ୍ଦରୀ କନ୍ୟା ବସି ତପସ୍ୟା କରୁଛି। ରାବଣ ସେହି କନ୍ୟା ପାଖରେ ଯାଇ ପ୍ରବେଶ ହେଲା, କହିଲା ହେ ସୁନ୍ଦରୀ! କାହିଁକି ଏହି ଘନ ଜଙ୍ଗଲ ମଧ୍ୟରେ ମୃଗଚର୍ମ ପରିଧାନ କରି ତପସ୍ୟା କରୁଛ? ଆସ ମୁଁ ତୁମ୍ଭକୁ ନେଇ ଲଙ୍କାଗଡ଼ରେ ରାଣୀ କରି ରଖିବି। ବେଦମତୀ ସେତେବେଳେ ତପସ୍ୟାରେ ସିଦ୍ଧି ଲାଭ କରି ସାରିଥାନ୍ତି। ତେଣୁ ସେ କହିଲେ ହେ ବିଶ୍ରବା ନନ୍ଦନ ମୁଁ କୁଶଧ୍ୱଜ ରାଜାଙ୍କ ବେଦରୁ ଉତ୍ପନ୍ନ ହୋଇଛି। ମୋର ନାମ ବେଦମତୀ। ମୋର ପିତା ମୋତେ ବିଷ୍ଣୁଙ୍କୁ ପ୍ରଦାନ କରିଛନ୍ତି। ତୁମ୍ଭେ ମୋ ତପସ୍ୟାରେ ବିଘ୍ନ ନଘଟାଇ ତୁମ୍ଭ ଲଙ୍କାଗଡ଼କୁ ବାହୁଡ଼ିଯାଅ। ତେବେ ବେଦମତୀଙ୍କ କୌଣସି କଥା ଶୁଣିବା ପାଇଁ ରାବଣ ପ୍ରସ୍ତୁତ ନଥିଲା। ସେ ବେଦମତୀଙ୍କ ମସ୍ତକର କେଶକୁ ନିଜ ହସ୍ତରେ ସାଉଁଳି ଦେଲା। ବେଦମତୀ ପ୍ରଜ୍ୱଳିତ ଅଗ୍ନିସବ ପରି ଜଳି ଉଠି କହିଲେ ରେ ପାପୀ, ଦୁରାତ୍ମା ଯେଉଁ କେଶକୁ କେହି ଏ ପର୍ଯ୍ୟନ୍ତ ସ୍ପର୍ଶ କରିନଥିଲେ, ତୁ ପାଷାଣ୍ଡ ତାକୁ ସ୍ପର୍ଶ କରି ମୋ ଶରୀରକୁ ତୁ ଅପବିତ୍ର କଲୁ। ଏହା କହି ବେଦମତୀ କେଶକୁ ମୁକୁଳା କରି ଦେଇ ନିଜର ହସ୍ତ ଦ୍ୱାରା ସମସ୍ତ କେଶକୁ ଛେଦି ପକାଇଲେ। ତାଙ୍କ ନେତ୍ରରୁ ଅଗ୍ନିକଣ୍ଡା ବାହାରିବାକୁ ଲାଗିଲା।

ଅତି କ୍ରୋଧରେ ବେଦମତୀ କହିଲେ ଯେ, ଦୁଷ୍ଟ ମନ୍ଦମତି! ମୋତେ ଅନ୍ୟ ନାରୀ ସମ ଭାବି ନିଜ ନାରୀ କରିବାକୁ ଇଛା କଲୁ। ମୋ ନେତ୍ର ଅନଳରେ ଜାଳି ତତେ ଭସ୍ମ କରିଦେଇଥାନ୍ତି। କିନ୍ତୁ ମୋତେ ପୁରୁଷ ହତ୍ୟା ଦୋଷ ଲାଗିବ। ତୁ ପାପୀ ମୋର ଏହି ଶରୀର ଆଉ ବିଷ୍ଣୁଙ୍କ ଯୋଗ୍ୟ ନୁହେଁ। ମୋ ଲାଗି ତୋର ବିନାଶ ଘଟିବ। ମୁଁ ଆଉ ଗୋଟିଏ ଜନ୍ମ ନେବି। ରେ ପାପୀ ଦଶାନନ। ମୁଁ ପୁଣି ଥରେ କହୁଛି, ମୁଁ ପୁଣି ଜନ୍ମ ଗ୍ରହଣ କରିବି ତୋର ପ୍ରାଣ ବିନାଶ କରିବି। ଏହିପରି କହି ବେଦମତୀ ନିଜ ନେତ୍ରାନଳରେ ଅଗ୍ନି ପ୍ରଜ୍ୱଳିତ କରି ନିଜ ଶରୀରକୁ ଭସ୍ମ କଲେ। ରାବଣ ବିସ୍ମିତ ହୋଇ ଚାହିଁ ରହିଲା।

ଶିଖରପୁର ଉପରସାହି, କଟକ, ଦୂରଭାଷ : ୮୨୮୦୯୬୩୨୮୩/ ୯୪୩୮୫୮୩୨୮୯,

ମହାଭାରତ
ରାଇଜ କଥା
ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା



## ତିନି ଦଫା ଦାବିନେଇ ଜୀବିକା ମିଶନ ଇସି ସଂଘର ବ୍ଲକ ଘେରାଉ




ଖଡ଼ିଆଳ:(ମହାଭାରତ) ନୂଆପଡା ଜିଲ୍ଲା ଖଡ଼ିଆଳ ଓଡ଼ିଶା ଜୀବିକା ମିଶନ ଇସି ସଂଘ ପକ୍ଷରୁ ଆଜି ଖଡ଼ିଆଳ ବିଡ଼ିଓଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଏକ ଦାବି ପତ୍ର ପ୍ରଦାନ କରିଥିଲେ । ମିଶନ ଶକ୍ତି ଅଧୀନରେ ଓଡିଶା ଜୀବିକା ମିଶନରେ କାର୍ଯ୍ୟରତ ଜିପିଏଲଫ, ବିଏଲଏଫ, ଡିଏଲଫ, ମହାସଂଘ ଇସି ର ପୁନର୍ଗଠନ ପ୍ରକ୍ରିୟାକୁ ପ୍ରତ୍ୟାହାର କରିବା ସହିତ ବର୍ତ୍ତମାନ କାର୍ଯ୍ୟରେ ନିୟୋଜିତ ହୋଇଥିବା ଇସି ମହିଳା ମା ମାନଙ୍କ କାର୍ଯ୍ୟକାଳ ବୃଦ୍ଧି କରିବା ନେଇ ତିନିଗୋଟି ଦାବି ନୂଆପଡା ଜିଲ୍ଲା ଖଡ଼ିଆଳ ବ୍ଲକ ସ୍ତରରେ କାର୍ଯ୍ୟରତ ମହିଳା ମାନେ ଖଡ଼ିଆଳ ବିଡ଼ିଓ ନରସିଂ ଗଡ଼ବାଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବି ପତ୍ର ପ୍ରଦାନ କରିଛନ୍ତି। ପ୍ରଥମେ ଦୁଇ ଶହରୁ ଅଧିକ ମହିଳା ବିଭିନ୍ନ ସ୍ଲୋଗାନ ଦେଇ ଖଡ଼ିଆଳ ସହର ପରିକ୍ରମା ପରେ ବ୍ଲକ କାର୍ଯ୍ୟାଳୟରେ ବିଡ଼ିଓଙ୍କୁ ତିନି ଦଫା ଦାବି ପତ୍ର ପ୍ରଦାନ କରିଥିଲେ । ତିନୋଟି ଦାବି ଗୁଡିକ ହେଲା ମିଶନ ଶକ୍ତି ବିଭାଗ ପକ୍ଷରୁ ଜାରି କରାଯାଇଥିବା ନୂଆ ନିୟମକୁ ପ୍ରତ୍ୟାହାର କରିବା ସହ କାର୍ଯ୍ୟରତ ଏହି ମହିଳା ଇ.ସି କର୍ମୀ ମାନଙ୍କ କାର୍ଯ୍ୟକାଳ ବୃଦ୍ଧି କରିବା । ସରକାରଙ୍କ ମିଶନ ଶକ୍ତି ବିଭାଗ ପକ୍ଷରୁ ସ୍କୁଟି ଋଣ ଯୋଜନାର ସର୍ତ୍ତାବଳୀ ଅନୁଯାୟୀ ବାକି ଥିବା କିସ୍ତି ଗୁଡିକ ସମ୍ପର୍କରେ ସରକାର ବିଚାର କରନ୍ତୁ । ମିଶନ ଶକ୍ତି ବିଭାଗ ପକ୍ଷରୁ ଜାରି କରାଯାଇଥିବା ନିର୍ଦ୍ଦେଶନାମାରେ ଦର୍ଶା ଯାଇଥିବା ଜିପିଏଲଫ ର ସମସ୍ତ ଅଡିଟ କୁ ଇ.ସି.କର୍ମୀ ମାନେ ପୂର୍ଣ୍ଣ ମାତ୍ରାରେ ସହଯୋଗ ପାଇଁ ପ୍ରସ୍ତୁତ ଅଛନ୍ତି । ଏଥି ପାଇଁ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଉ ବୋଲି ଦାବି କରିଛନ୍ତି । ରାଜ୍ୟରେ ମିଶନ ଶକ୍ତି ଅଧିନସ୍ତ ଓଡ଼ିଶା ଜୀବିକା ମିଶନର ଏହି ମହିଳା ଇ.ସି. କର୍ମୀ ଙ୍କ ତିନି ଦଫା ସମ୍ବଳିତ ଦାବି ଗୁଡିକ ପୂରଣ କରି, ରାଜ୍ୟରେ ମିଶନ ଶକ୍ତିକୁ ଆହୁରି ଶକ୍ତିଶାଳୀ କରିବା ସହ ଓଡ଼ିଶାର ଲକ୍ଷ ଲକ୍ଷ ମହିଳା ହିତାଧିକାରୀଙ୍କ ସାମାଜିକ ଓ ଅର୍ଥନୈତିକ ଅଭିବୃଦ୍ଧିକୁ ସୁଦୃଢ ଆଉ ସ୍ୱାବଲମ୍ବୀ କରନ୍ତୁ ଏବଂ ପୁନଃ ଗଠନ କୁ ବନ୍ଦ କରନ୍ତୁ ନଚେତ ଆଗାମୀ ୧୨ ତାରିଖରେ ଓଡ଼ିଶାର ସମସ୍ତ ମିଶନ ଶକ୍ତି ମହିଳା ମାନେ ରାଜରାସ୍ତା କୁ ଓ୍ୱଲ୍ଲେହେଇ ବିଧାନସଭା ଘେରାଉ କରାଯିବ ବୋଲି ଚେତାବନୀ ଦେଇଛନ୍ତି ।ଏହି ରେଲିରେ ପ୍ରମୋଦିନି ପୁଞ୍ଜି, ରଶ୍ମିତା ଶବର, ସୂର୍ଯ୍ୟକାନ୍ତି ବିହାରୀ, ପ୍ରମିଳା ଶବର, ସୁରେଖା ରଣା, ଡାଳିମ୍ବ ଶବର, ଶଶୀଯୁକ୍ତା ବେହେରା, ଋନ୍ଦା ବିଶି, ଲାକ୍ଷ୍ମୀ ପଣ୍ଡା,ଶୁଶିଲା ଶଗରୀଆ, ନକେଷି ନିଆଲ, ଲତା ମେହେର, ଦୁର୍ଗା ସୁନା, ପ୍ରେମକାନ୍ତି ମାଝି, ସମେତ ଶତାଧିକ ସଦସ୍ୟା ଦାବି କରିଛନ୍ତି ।

## ଓସ୍ତପୁର ଉପ ସ୍ୱାସ୍ଥ୍ୟକେନ୍ଦ୍ରରୁ ଚୋରି

# ଅଭିଯୋଗ ପରେ ପୁଲିସର ତଦନ୍ତ ଆରମ୍ଭ

ଅସ୍ତରଙ୍ଗ(ମହାଭାରତ) :-ଅସ୍ତରଙ୍ଗ ବ୍ଲକ ନଈଗୁଆଁ ପଞ୍ଚାୟତ ଓସ୍ତପୁର ଉପ ସ୍ୱାସ୍ଥ୍ୟକେନ୍ଦ୍ରରୁ ଶନିବାର ରାତିରେ ଦୁର୍ବୃତ୍ତମାନେ ବିଭିନ୍ନ ପ୍ରକାର ସାମଗ୍ରୀ ଚୋରି କରି ନେଇଛନ୍ତି ଉପ ସ୍ୱାସ୍ଥ୍ୟ କେନ୍ଦ୍ର ଦାୟିତ୍ୱରେ ଥିବା ଏଏନ୍ଏମ୍ କର୍ମୀଲକ୍ଷ୍ମୀପ୍ରିୟା ଏନେଇ କାକଟପୁର ଥାନାରେ ଅଭିଯୋଗ ପରେ ଘଟଣା ସ୍ଥଳରେ ପୁଲିସ୍ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ସୂଚନାନୁସାରେ ସ୍ୱାସ୍ଥ୍ୟକେନ୍ଦ୍ର ଦାୟିତ୍ୱରେ ଥିବା ଏଏନ୍ଏମ୍ କର୍ମୀ ଲକ୍ଷ୍ମୀପ୍ରିୟା ଗତ ଶନିବାର ଦିନ ମାସିକ କାର୍ଯ୍ୟର ରିଟର୍ଣ୍ଣ ଦାଖଲ କରିବାକୁ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇଥିଲେ ପରେ ଏକ ମିଟିଂରେ ଯୋଗଦେବା ଓ ନିଜ ସ୍ୱାମୀର ଶରୀର ଅସୁସ୍ଥ ଯୋଗୁଁ ସେ ଘରକୁ ପଳାଇଥିଲେ। ସ୍ୱାସ୍ଥ୍ୟକେନ୍ଦ୍ର ଅନ୍ୟଜଣେ ନିୟମିତ ନର୍ସ ଦୀର୍ଘଦିନ ହେବ ମ୍ୟାଟରନିଟ୍ ଲିଭ୍ ରେ ରହିଛନ୍ତି। ସ୍ୱାସ୍ଥ୍ୟକେନ୍ଦ୍ରରେ ସୁବିଧା ନଥିବାରୁ ଏଏନ୍ଏମ୍ କର୍ମୀ ଜଣକ ରାତିରେ ମଧ ଏଠି ରହୁନାହାନ୍ତି ଆଜି ସୋମବାର ଦିନ ଘରୁ ଫେରି କାର୍ଯ୍ୟାଳୟ ଫାଟକ ଖୋଲି ସ୍ୱାସ୍ଥ୍ୟକେନ୍ଦ୍ରକୁ ପ୍ରବେଶ କରି ଦେଖନ୍ତି ଯେ ଚୋରି ହୋଇଛି କେହି ଦୁର୍ବୃତ୍ତ ଦୁଇଟି ଇନଭର୍ଟର ବ୍ୟାଟେରୀ,ଗୋଟିଏ ପାଣି ମଟର ଓ ଅନ୍ୟାନ୍ୟ ଆସବାପତ୍ର ଚୋରିକରି ନେଇଛି କାର୍ଯ୍ୟାଳୟ ପଛପଟେ ପାଚେରୀ ଡେଇଁ କବାଟର ତାଲା ଭାଙ୍ଗି ଦୁର୍ବୃତ୍ତ କଳାକନା ବୁଲାଇବା ଦେଖିବାକୁ ମିଳିଛି ।ଘଟଣା ସମ୍ପର୍କରେ ଲକ୍ଷ୍ମୀପ୍ରିୟା ସ୍ଥାନୀୟ ଗ୍ରାମବାସୀ ଜଣାଇବା ସମେତ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଡାକ୍ତର ସଞ୍ଜୟ ପ୍ରଧାନଙ୍କୁ ଅବଗତ କରାଇଥିଲେ। ଶ୍ରୀ ପ୍ରଧାନ ଘଟଣା ସ୍ଥଳକୁ ଆସି ଚୋରି ଘଟଣାର ଯାଞ୍ଚ ପରେ ପରାମର୍ଶ କ୍ରମେ ଲକ୍ଷ୍ମୀପ୍ରିୟା ଏ ବିଷୟରେ କାକଟପୁର ଏକ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗ ପରେ କାକଟପୁର ପୁଲିସ ଘଟଣା ସ୍ଥଳରେ ସନ୍ଧ୍ୟାରେ ପହଞ୍ଚି ପାରମ୍ଭିକ ତଦନ୍ତ ଆରମ୍ଭ କରିଛି ପ୍ରକାଶ ଥାଉକି, ଉପ ସ୍ୱାସ୍ଥ୍ୟକେନ୍ଦ୍ରକୁ ଲାଗି ଓସ୍ତପୁର ପ୍ରାଥମିକ ବିଦ୍ୟାଳୟରୁ ଗତ ମାସ ୧୭ ତାରିଖ ରାତିରେ ମଧ୍ୟାହ୍ନ ଭୋଜନ ଚାଉଳ,ଏଲଇଡ଼ି ଟିଭି ଓ ଅନ୍ୟାନ୍ୟ ସାମଗ୍ରୀ ଚୋରି ହୋଇଥିଲେ ।ଅଭିଯୋଗ ପରେ ଥାନାରେ ଏକ ମାମଲା ରୁଜୁ ହେଲେ ମଧ ଘଟଣାରେ କେହି ଧରା ନପଡ଼ିବାରୁ ପୁଣି ଏକ ଚୋରିହେବା ଗ୍ରାମବାସୀଙ୍କୁ ଆଶ୍ଚର୍ଯ୍ୟ କରିଛି ।ଗ୍ରାମରେ ରାତି ଅଧଯାଏ ମଦ ଓ ବ୍ରାଉନସୁଗାର ବେପାର ସମେତ ଏବେ ଚୋରିହେବା ଓ ଏଥିରେ ଗାଁରୁ କେହି ସମ୍ପୃକ୍ତ ରହିବା ସମ୍ପର୍କରେ ସ୍ଥାନୀୟ ଗ୍ରାମବାସୀ ପୁଲିସର ଦୃଷ୍ଟିଆକର୍ଷଣ କରିଛନ୍ତି।

## ଯାଜପୁର ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷଠାରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର



ବଡ଼ଚଣା( ମହାଭାରତ) : ଆଜି ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଅଛି ।ଏହି ଅଭିଯୋଗ ଶିବିର ରେ ଉପସ୍ଥିତ ରହି ଜିଲ୍ଲାପାଳ ପି. ଅନ୍ଷୋ ରେଡ୍ଡୀ ଜନସାଧାରଣଙ୍କ ବିଭିଡ ଆପତ୍ତି ଅଭିଯୋଗ ର ଶୁଣାଣି କରିଥିଲେ ।ବିଭାଗୀୟ ଅଧିକାରୀ ମାନେ ଏହି ଅଭିଯୋଗ ଗୁଡିକ ଯାଞ୍ଚ କରିବେ ଓ ଯେଉଁମାନେ ଯୋଗ୍ୟ ଅଛନ୍ତି ସେମାନଙ୍କର ଯଥାସମ୍ଭବ ସମସ୍ୟାର ସମାଧାନ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ ।ଆଜି ମୋଟ ୨୧୮ ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୯୨ ଗୋଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ /ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୧୦ ଗୋଟି, ମୁଖ୍ୟମନ୍ତ୍ରୀ ଙ୍କ ରିଲିଫ ପାଣ୍ଠି ରୁ ସହାୟତା ନିମନ୍ତେ ୧୦୫ ଗୋଟି ଓ ରେଡ୍ କ୍ରସ୍ ପାଣ୍ଠିରୁ ୦୧ ଗୋଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୧୩୮ ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ରେ ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ଶ୍ରୀ କୈଳାଶ ଚନ୍ଦ୍ର ସେଠୀ, ଜିଲ୍ଲା ପରିଷଦ ର ମୁଖ୍ୟ ବିକାଶ ଅଧିକାରୀ ଶ୍ରୀ ଅଶୋକ କୁମାର ବେହୁରିଆ , ଉପ ଜିଲ୍ଲାପାଳ, ଯାଜପୁର , ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଯାଜପୁର ,ଶ୍ରୀ ଧର୍ମ ରଞ୍ଜନ ପଣ୍ଡା ,ଜିଲ୍ଲା ସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକ ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗ ର ଶୁଣାଣି କରିଥିଲେ।

## ମେକ୍ ମାଇକେଲ ସଂସ୍କୃତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ସ୍ନାତକ ମହାବିଦ୍ୟାଳୟର ବାର୍ଷିକଉତ୍ସବ

ଆସିକା (ମହାଭାରତ): ମେକମାଇକେଲ୍ ସଂସ୍କୃତ ଉଚ୍ଚ ବିଦ୍ୟାଳୟ ଓ ସ୍ନାତକ ମହାବିଦ୍ୟାଳୟ ଆସିକାର ବାର୍ଷିକଉତ୍ସବର ଓ ପୁରସ୍କାର ବିତରଣ। ମହାବିଦ୍ୟାଳୟ ଅଧକ୍ଷ ଅଶ୍ୱିନ କୁମାର ଦାସଙ୍କ ଅଧ୍ୟକ୍ଷତାରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲାୟ ଅଧ୍ୟକ୍ଷ ଅତିଥି ମାନଙ୍କ ପରିଚୟ ପ୍ରଦାନ ସହ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଅତିଥିମାନଙ୍କୁ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ପକ୍ଷରୁ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇଥିଲା। ବେଦପାଠ ମନ୍ତ୍ର ଧ୍ୱନୀ ମଧ୍ୟରେ ପ୍ରଭୂ ଜଗନ୍ନାଥଙ୍କ ପ୍ରତିମୂର୍ତ୍ତିରେ ଧୂପ, ଦୀପ, ପୁଷ୍ପ ପ୍ରଦାନ କରି ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ମୁଖ୍ୟ ଅତିଥିରୂପେ ବିଧାୟକ ଶ୍ରୀଯୁକ୍ତ ସରୋଜ କୁମାର ପାଢୀ, ମୁଖ୍ୟ ବକ୍ତା ରୁପେ ଆ□ଳିକ ଉଚ୍ଚ ଶିକ୍ଷା ନିଦେଶକ ଡଃ ସିଦ୍ଧାର୍ଥ ଶଙ୍କର ପାଢୀ, ସମ୍ମାନିତ ଅତିଥିରୂପେ ଶ୍ରୀ ଜଗତ୍ତାଥ ସଂସ୍କୃତ ବିଦ୍ୟାଳୟ ସାହିତ୍ୟ ବିଭାଗୀୟ ମୁଖ୍ୟ ପ୍ରଫେସର ବସନ୍ତ କୁମାର ମିଶ୍ର ଅନ୍ୟତମ ସମ୍ମାନୀୟ ଅତିଥିରୂପେ ଜଗନ୍ନାଥ ସଂସ୍କୃତ ବିଦ୍ୟାଳୟର ବ୍ୟାକରଣ ବିଭାଗ ପ୍ରଫେସର ପୂର୍ଣ୍ଣଚନ୍ଦ୍ର ପାଢୀ ଏବଂ ବେଦ ପ୍ରଫେସର ମହାମହୋପାଧାୟ ରାଜସ୍ଥିନ, ରାମିଧିନ ସଂସ୍କୃତ ମହାବିଦ୍ୟାଳୟ ଅଧ୍ୟକ୍ଷ ମହନ୍ତ ଡଃ ହରିହର ଦାସ, ମହାବିଦ୍ୟାଳୟ ପରିଚାଳନା କମିଟିର ଅଧକ୍ଷ ଶ୍ରୀଯୁକ୍ତ ସୁରେନ୍ଦ୍ର ନାଥ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ଅଧ୍ୟକ୍ଷ ମହାବିଦ୍ୟାଳୟ ବାର୍ଷିକ ବିବରଣି ପାଠ କରିଥିଲେୟ ବିବରଣି ମଧ୍ୟରେ ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ତୁଳନା ଓ ବିଭାଗ ଅନୁଯାଇ ଅଧ୍ୟାପକ ନଥିବା, କିରାଣି ପିଅନ ସାଙ୍ଗକୁ ବିଦ୍ୟାଳୟର ଛଛାତ୍ରଛାତ୍ରୀମାନଙ୍କ ପାଇଁ ରୁମ୍, ବିଶ୍ରାମ ଗୃହ ଓ ସାଇକେଲ ଷ୍ଟାଣ୍ଡ ନଥିବା ଏହାକୁ କାର୍ଯ୍ୟକାରି କରିବା ପାଇଁ ବିଧାୟକଙ୍କୁ ଅଧକ୍ଷ ଅନୁରୋଧ କରିଥିଲେ। ମୁଖ୍ୟବକ୍ତା ଆ□ଳିକ ନିର୍ଦ୍ଦେଶକ ଡ. ସିର୍ଦ୍ଧିଥ ଶଙ୍କର ପାଢୀ ଆସିକା ଠାରେ ୧୮୫୭ ଅର୍ଥାତ ୧୪୦ ଭର୍ଷ ପୂର୍ବେ ତ୍ କାଳିନ ଇଂରାଜ ସରକାରଙ୍କ ଅଧିନତାରେ ଥିବା ତତକାଳିନ ଜିଲ୍ଲାପାଳ ମେକମାଇକେଲ୍ ଙ୍କୁ ସଂସ୍କୃତ ପଣ୍ଡିତ ମାନେ ସଂସ୍କୃତ ପୃଥିବୀର ସର୍ବପ୍ରଥମ ତଥା ପ୍ରଭୂ ବ୍ରହ୍ମାଙ୍କ ମୁଖରୁ ନିସୃତ ବେଦ ଭାଷା ସଂସ୍କୃତ । ଏହି ସଂସ୍କୃତ ସମସ୍ତ ଭାଷା ଅନୁସରଣ କରି ଜନ୍ମନେଇଛିୟ ଏଥି ମଧ୍ୟରୁ ଇଂରାଜ ଭାଷା ଅନ୍ୟତମ ବୋଲି ମତବ୍ୟକ୍ତ କରିଥିଲେ।

# ଅଷ୍ଟମ ଦିନରେ ଟ୍ରକ ମାଲିକ ସଂଘର ଆନ୍ଦୋଳନ

ଯୋଡ଼ା (ମହାଭାରତ) କେନ୍ଦୁଝର ଜିଲ୍ଲା ଯୋଡ଼ାବ୍ଲକ ଦେଓଝର ଗ୍ରାମରେ ଅବସ୍ଥିତ ଏକ ଶିଳ୍ପସଂସ୍ଥା ସମ୍ମୁଖରେ ଗତ ୨୭/୦୧ ରିଖ ଠାରୁ ଆଞ୍ଚଳିକ ଟ୍ରକ ମାଲିକ ସଙ୍ଘ ଓ ଯୋଡ଼ା ଟ୍ରକ ମାଲିକ ସଂଘର ସଭାପତି ଓ ସମ୍ପାଦକ ସମେତ ଟ୍ରକ ମାଲିକମାନେ ଧାରଣାରେ ବସିଥିବା ଦେଖିବାକୁ ମିଳିଛି । ଖବରରୁ ପ୍ରକାଶ ଉକ୍ତ ଟ୍ରକ ମାଲିକ ସଙ୍ଘ ବିଭିତ୍ତ ସମୟରେ କାରଖାନାରୁ ୪୦ ପ୍ରତିଶତ ଲୁହାଗୁଲି ( ପିଲେଟ ) ସଡକ ପଥରେ ପରିବହନ ନିମନ୍ତେ ନିବେଦନ କରି ଆସୁଛନ୍ତି । କମ୍ପାନୀ କର୍ତ୍ତୃପକ୍ଷ ସଡକ ପଥରେ ପରିବହନ ନିମନ୍ତେ କଥାଦେଇ ପରବର୍ତ୍ତୀ ସମୟରେ କଥା ରଖିନଥିଲେ । ଏ ସମ୍ପର୍କରେ ଉଭୟ ଟ୍ରକ ମାଲିକ ସଂଘ ପକ୍ଷରୁ ଯୋଡ଼ା ଥାନା ଅଧିକାରୀ , ଚମ୍ପୁଆ ଉପ ଜିଲ୍ଲାପାଳ, ଜିଲ୍ଲାପାଳ , ବଡ଼ବିଲ ଉପଖଣ୍ଡ ଅଧିକାରୀ ତଥା ଅନ୍ୟାନ୍ୟ ସରକାରୀ ସଂସ୍ଥାକୁ ଲିଖିତ ଅଭିଯୋଗ ମଧ କରିଥିଲେ । ଚମ୍ପୁଆ ଜିଲ୍ଲାପାଳ ଗାଡି ମାଲିକଙ୍କ ସ୍ୱାର୍ଥକୁ ନଜରରେ ରଖି ଗତ ୧୩/୦୧/୨୫ ରିଖ ଆପୋଷ ବୁଝାମଣା ନିମନ୍ତେ ଉଭୟଙ୍କୁ ଡାକିଥିଲେ । କମ୍ପାନୀ କର୍ତ୍ତୃପକ୍ଷ ସଡକ ପଥରେ ପରିବହନ ନିମନ୍ତେ ରୋକ ଠୋକ ମନା କରିଦେଇଥିଲେ। ଫଳରେ ସେଠାରେ ଏକ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା। ଗାଡି ମାଲିକ ତଥା ଉଭୟ ସଂଘର ସଭାପତି,ସମ୍ପାଦକ ଓ କର୍ମକର୍ତ୍ତା ମାନେ ଅନ୍ୟ ଉପାୟ ନପାଇ କମ୍ପାନୀ ଫାଟକ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ କରିବାକୁ ନିଷ୍ପତ୍ତି ନେଇଥିଲେ ।ଆଜକୁ ୮ ଦିନ ଧରି ଆନ୍ଦୋଳନ ଜାରି ରଖିଥିବା ବେଳେ କମ୍ପାନୀ କର୍ତ୍ତୃପକ୍ଷ କିମ୍ବା ସ୍ଥାନୀୟ ପ୍ରଶାସନର କୌଣସି ଅଧିକାରୀ ସେମାନଙ୍କ ସହିତ ଆଲୋଚନା କରିବାକୁ ଆସିନଥିବା ଜଣାପଡିଛି । ଯୋଡ଼ା ବଡ଼ବିଲ ଏକ ଉପାନ୍ତ ଅଂଚଳ । ଏଠାରେ ରୋଜଗାର କହିବାକୁ ଗଲେ କେବଳ ଟ୍ରକ ବ୍ୟବସାୟକୁ ବୁଝାଇଥାଏ । ଭିଟାମାଟି ବିକ୍ରି କରି ଏ ଅ□ଳର ବେକାର ଯୁବକମାନେ ଟ୍ରକ କିଣି ଲୁହାପଥର ପରିବହନ କରି ପରିବାର ପ୍ରତିପୋଷଣ କରି ଆସୁଥିଲେ । ଖାଲି ଟ୍ରକ ମାଲିକ ଉପକୃତ ହେଉଛନ୍ତି ତାହା ନୁହଁ । ଟ୍ରକ ଚାଲିବା ଦ୍ୱାରା ଗ୍ୟାରେଜ , ପାର୍ଟସ ଦୋକାନୀ, ଡ୍ରାଇଭର,ହେଲ୍ପର,ତେଲଟାଙ୍କି ଇତ୍ୟାଦିରେ କାର୍ଯ୍ୟରତ ହଜାର ହଜାର ଶ୍ରମିକ ନିଜ ନିଜର ଗୁଜୁରାଣ ମେଣ୍ଟାଇ ଆସୁଥିଲେ। ଏଭଳି ଅବ୍ୟବସ୍ଥା ଲାଗି ରହିଲେ ଆଗାମୀ ଦିନରେ ଅଞ୍ଚଳବାସୀ ଭୋକ ଉପାସରେ ମରିଯିବେ ବୋଲି ସଂଘର କର୍ମକର୍ତ୍ତା ମାନେ କ୍ଷୋଭର ସହିତ କହିଛନ୍ତି । ପେଟ ପାଟଣା ପାଇଁ ଏ ଲଢେଇ । ଏ ଜିଲ୍ଲାର ସୁଯୋଗ୍ୟ ସନ୍ତାନ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଜିଲ୍ଲାର ଦୁଃଖ ସୁଖ ସହିତ ଜଡିତ। ସେ ଭଲଭାବେ ଜାଣନ୍ତି ଅଞ୍ଚଳବାସୀଙ୍କ ଦୁଃଖ । ଆମେ ତାଙ୍କୁ ପତ୍ର ମାଧ୍ୟମରେ ଜଣାଇଛୁ । ଆଶା ରଖିଛୁ ସେ ନିଶ୍ଚୟ ଆମର ଦୁଃଖ ବୁଝିବେ । ଆମେ କମ୍ପାନୀକୁ ମାତ୍ର ୪୦ ପ୍ରତିଶତ ସଡକ ପଥରେ ପରିବହନ ନିମନ୍ତେ ଗୁହାରି କରୁଛୁ । କମ୍ପାନୀ ଆମାସହିତ ଆଲୋଚନା କଲେ ଏହାର ନିଷ୍କର୍ଷ ବାହାରି ପାରିବ । ଦୁଃଖର କଥା କମ୍ପାନୀ ଏଯାବତ ଆଲୋଚନା କରିବାକୁ ପ୍ରସ୍ତୁତ ନାହାନ୍ତି । ଯେ ପର୍ଯ୍ୟନ୍ତ କମ୍ପାନୀ ଆମର ନ୍ୟାର୍ଯ୍ୟ ଦାବି ମାନି ନାହାନ୍ତି ସେ ପର୍ଯ୍ୟନ୍ତ ଏ ଆନ୍ଦୋଳନ ଜାରି ରହିବ ବୋଲି ଯୋଡ଼ା ଟ୍ରକ ମାଲିକ ସଂଘର ସମ୍ପାଦକ ସୁଶାନ୍ତ କୁମାର ବାରିକ କହିଛନ୍ତି । ପୂର୍ବତନ ସାଂସଦ ତଥା ଚମ୍ପୁଆ ନିର୍ବାଚନ ମଣ୍ଡଳୀର କଂଗ୍ରେସ ବିଧାୟକ ପ୍ରାର୍ଥୀ ଯସବନ୍ତ ସିଂ ଲାଗୁରି ଆଜି ଏହି ଆନ୍ଦୋଳନରେ ସାମିଲ ହୋଇ ଟ୍ରକ ମାଲିକ ମାନଙ୍କର ମନୋବଳ ଦ୍ୱିଗୁଣିତ କରିବା ସହିତ ଲୋକଙ୍କ ଜୀବନ ଜୀବିକା ସହିତ ଖେଳ ଖେଳୁଥିବା କମ୍ପାନୀର ଜୁଲମ କେବେ ବରଦାସ୍ତ କରାଯିବ ନାହିଁ ବୋଲି କହିଥିଲେ । ମୁଁ ଏ ସମ୍ପର୍କରେ କମ୍ପାନୀର ଉଚ୍ଚ ପଦସ୍ତ ଅଧିକାରୀ ସମେତ ସରକାରୀ ଦପ୍ତରକୁ ବ୍ୟକ୍ତିଗତ ଭାବେ ଚିଠି ଲେଖିବି । ଯେ ପର୍ଯ୍ୟନ୍ତ ସମସ୍ୟାର ସମାଧାନ ହୋଇ ନାହିଁ ମୁଁ ଟ୍ରକ ମାଲିକଙ୍କ ସହିତ ରହିଛି ରହିବି ବୋଲି ଶ୍ରୀ ଲାଗୁରି କହିଥିଲେ । ଏ ସମ୍ପର୍କରେ କମ୍ପାନୀ ଅଧିକାରୀଙ୍କୁ ପଚାରିବାରୁ ସେ ତାଙ୍କ ପ୍ରତିକ୍ରିୟାରେ କହିଥିଲେ ସଡକ ପଥରେ ପରିବହନ ଯୋଗୁଁ କମ୍ପାନୀ ପ୍ରତିଦିନ ୩୦ ରୁ ୪୦ ଲକ୍ଷ ଟଙ୍କା କମ୍ପାନୀର କ୍ଷତି ହେଉଛି । ଯାହା ସିଧା ସଳଖ କମ୍ପାନୀର କାର୍ଯ୍ୟରତ ଶ୍ରମିକ ମାନଙ୍କ ପାଇଁ ମହଙ୍ଗା ସାବ୍ୟସ୍ତ ହେବା ସହିତ ପରିବେଶ ଦୂଷିତ ହେଉଛି । ତେଣୁ ସଡକ ପଥରେ ପରିବହନ ସମ୍ଭବ ହୋଇ ପାରୁନାହିଁ ।

## ମା ରତ୍ନେଶ୍ୱରିଙ୍କ ଜନ୍ମ ବାର୍ଷିକୋତ୍ସବ ଅନୁଷ୍ଠିତ



ହିନ୍ଦୋଳ(ମହାଭାରତ)ହିନ୍ଦୋଳର ଅଧିଷ୍ଠାତ୍ରୀ ଦେବୀ ମା ରଙ୍କେଇଙ୍କ ବାର୍ଷିକ ଜନ୍ମ ମହୋତ୍ସବ ଆଜି ପବିତ୍ର ବସନ୍ତ ପ□ମୀରେ ମାଙ୍କ ପୀଠ ସ୍ଥଳୀ ମା ରତ୍ନେଶ୍ୱରିଙ୍କ ମନ୍ଦିର ପରୀସରରେ ପାରମ୍ପରିକ ରୀତିରେ ଆୟୋଜିତ ହୋଇଛି। ଏହି ଉପଲକ୍ଷେ ଗତ କାଲି ଅଧିବାସ ଅବସରରେ ସ୍ଥାନୀୟ ଗଡ ବନ୍ଧରୁ ଯାବତୀୟ ପୂଜା ନୀତି ସଂପୂର୍ଣ୍ଣ କରା ଯିବା ପରେ ମହିଳା ଭକ୍ତ ମାନେ କଳସ ଯାତ୍ରାରେ ପୂର୍ଣ୍ଣ କୁମ୍ଭରେ ଜଳ ଆଣି ଯଜ୍ଞ ମଣ୍ଡପ ନିକଟରେ ରଖି ଥିଲେ। ସୂର୍ଯ୍ୟ ପୂଜା, ଗୋ ପୂଜା, ଆବାହନ, ସଂସ୍ଥାପନ ଆଦି କର୍ମ ସଂପୂର୍ଣ୍ଣ ହୋଇ ଥିଲା। ଆଜି ପ୍ରତ୍ୟୁଷରୁ ମା ଙ୍କ ନିତ୍ୟ ପୂଜକ ନିରଞ୍ଜନ ପଣ୍ଡା ଚୁଆ ଚନ୍ଦନରେ ଗାଧେଇ ଦେଇ ଖଣ୍ଡୁଆ ପାଟ ବସ୍ତ୍ର ପିନ୍ଧାଇ ଦେଇ ଫୁଲ ଦୀପ ଦେଇ ମାଙ୍କୁ ନୀଳ ସରସ୍ୱତୀ ବେଶରେ ସଜାଇ ଥିଲେ। ବହୁ ଶ୍ରଦ୍ଧାଳୁ ସକାଳୁ ମାଙ୍କୁ ଦର୍ଶନ ପାଇଁ ମନ୍ଦିରରେ ଭିଡ ଲଗାଇ ଥିବା ଦେଖା ଯାଇ ଥିଲା। ପଣ୍ଡିତ ନିରୋଦ୍ କୁମାର ମିଶ୍ର ପୁରୋଧା ଭାବେ ସୂର୍ଯ୍ୟ ପୂଜା, ଶୋଡ଼ଶ ଉପଚାର ପୂଜା ନୀତି ସରିବା ପରେ ଯଜ୍ଞ କାର୍ଯ୍ୟ ଆରମ୍ଭ କରିଥିଲେୟ ଯଜ୍ଞ କର୍ତ୍ତା ଭାବେ ବିଜେନ୍ଦ୍ର ପାଳ ସସ୍ତ୍ରିକ ଉପବେଶନ କରିଥିଲେ। ଏଥିରେ ଶୁଭ୍ରାଂଶୁ ମୋହନ ସାମନ୍ତ ସହଯୋଗ କରିଥିଲେ। ମନ୍ଦିର ପରିଚାଳନା କମିଟି ପକ୍ଷରୁ ଦ୍ୱିପ୍ରହରରେ ଭକ୍ତ ମାନଙ୍କ ପାଇଁ ଅର୍ଣ୍ଣ ପ୍ରସାଦର ବ୍ୟବସ୍ଥା କରାଯାଇଥିଲାୟ କମିଟି କାର୍ଯ୍ୟ କର୍ତ୍ତା ଧରଣୀ ଧର ପାଳ, ବୀରବର ବିଶ୍ୱାଳ, ଜଗତ୍ତାଥ ସାହୁ, ପରିଆ ସାମନ୍ତ, ଶେଷଦେବ ସାହୁ ପ୍ରମୁଖଙ୍କ ସକ୍ରିୟ ସହଯୋଗରେ ସମସ୍ତ ନୀତି ସମ୍ପାଦିତ ହେଉଛି। ସନ୍ଧ୍ୟାରେ ଭଜନ କୀର୍ତ୍ତନର ଆୟୋଜନ କରା ଯାଇଛି। ଆସନ୍ତା କାଲି ଯଜ୍ଞର ପୂର୍ଣ୍ଣ ଆହୁତି ହେବା ସହ ଏହା ଉଦଯାପିତ ହେବ ବୋଲି କମିଟି ପକ୍ଷରୁ ସୂଚନା ମିଳିଛି।

## ହିନ୍ଦୋଳ ଏନଏସିରେ ମଶାତେଲ ଓ ଧୂଆଁରେ ମହାଦୁର୍ନୀତି

ହିନ୍ଦୋଳ(ମହାଭାରତ)ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ଏନଏସି ର ଦୁର୍ନୀତିର ପେଡି ଯେତେ ଖୋଲିଲେ ଆହୁରି ବାହାରୁଛି। ଗତ ଦୁଇବର୍ଷ ଭିତରେ କେତେବେଳେ ମିଥ୍ୟା ମାଟି ଫଲିଙ୍ଗ, ମାଟି ମୋରମ ରାସ୍ତା ବିଲ,ବେ□ତିଆରି,କାର୍ଯ୍ୟ ନହୋଇ ସ୍ମାର୍ଟ ପାର୍କରେ କୋଟିଏରୁ ଉର୍ଦ୍ଧ ଟଙ୍କାର ଘାସ କଟା, ମାଟିକଟାପାଇଁ, ଗାର୍ଡ ରୁମ ନାଇଟ ୱାଚରୁମ ନହୋଇ ବିଲ ସହ ବିଭିନ୍ନ ୱାର୍ଡ ମାନଙ୍କରେ କାର୍ଯ୍ୟ ନହୋଇ,ମୁକ୍ତା ନାମରେ କୋଟିକୋଟି ଟଙ୍କା ମିଥ୍ୟା ବିଲ କରି ହଡପ ହୋଇଛି। ଯେଉଁଥିପାଇଁ ପୂର୍ବରୁ ୧୨/୧୩ ଜଣ ଅସନ୍ତୁଷ୍ଟ କାଉନସିଲର ବାରମ୍ବାର ଅଭିଯୋଗ କରିବା ସହ ଭଜିଲାନ୍ସ ତଦନ୍ତ ଦାବି କରିଥିଲେ ମଧ ପ୍ରଭାବଶାଳି ରାଜନୈତିକ ଚାପରେ ଚାପି ଦିଆଯାଇଛି। ଯାହାଫଳରେ ଜନସାଧାରଣ ମୌଳିକ ସୁବିଧାରୁ ବଞ୍ଚିତ ହେଉଛନ୍ତି ।ସେହିପରି ଏକ ବଡ଼ ଧରଣର ମହାଦୁର୍ନୀତି ସାମ୍ନାକୁ ଆସିଛି ।ହିନ୍ଦୋଳ ଏନ ଏ ସି ରେ ପରିବେଶ ପରିମଳ ପାଇଁ ଲକ୍ଷଲକ୍ଷ ଟଙ୍କାର ମଶା ତେଲ ଓ ଧୂଆଁ କରିବା ପାଇଁ ମେସିନ



ପ୍ରତିମାସରେ ବିଲ ହେଉଥିଲେ ମଧ ଦୀର୍ଘବର୍ଷ ଧରି ଠୋପାଏ ମଶା ତେଲ ମଧ ପଡି ନାହିଁ କିମ୍ବା ମଶା ଧୂଆଁ ମେସିନ ବୁଲି ନାହିଁ ଯାହାକି ତଦନ୍ତ କରାଗଲେ ପ୍ରମାଣ ମିଳିଯିବ। ତେବେ ଏଠାରେ ଜନତାଙ୍କ ମନରେ ପ୍ରଶ୍ନ ଉଠେ ମଶା ତେଲ ଓ ଧୂଆଁ ବାବଦରେ ହେଉଥିବା ଲକ୍ଷଲକ୍ଷ ଟଙ୍କା ଯାଉଛି କୁଆଡେ ସରକାରଙ୍କ ଟଙ୍କା ଆତ୍ମସାତ କରି ତଳୁ ଉପର ଯାଏ ସମ୍ପତ୍ତି ବାଢାବାରେ ବ୍ୟଗ୍ର ଏବଂ ଏହାର ସିଂହ ଭାଗ ମଧ ପ୍ରଭାବଶାଳିଙ୍କ ପକେଟକୁ ଯାଉଥିବାବେଳେ ୧୨/୧୩ଜଣ କାଉନସିଲର ଓ ଜନସାଧାରଣଙ୍କୁ ଅନ୍ଧାରରେ ରଖାଯାଇଛି। ନୂତନ ବିଜେପି ସରକାରଙ୍କ ଉପରେ ଆସ୍ଥା ରଖି ଭିଜିଲାନ୍ସ ତଦନ୍ତ ଦାବି କରିଛନ୍ତି ହିନ୍ଦୋଳ ଏନ ଏ ସି ଜନସାଧାରଣ ।ତେବେ ନିର୍ଦ୍ଦିଷ୍ଟ ୨/୪ଜଣ ନିର୍ବାଚିତ ପ୍ରତିନିଧିଙ୍କ ସମେତ ଜଣେ ଦୁଇଜଣ ରାଜନୈତିକ ବ୍ୟକ୍ତିଙ୍କ ପାଇଁ, ସେମାନଙ୍କ ଠିକାଦାରୀ ସୁବିଧା ପାଇଁ ସେମାନଙ୍କ କଥାରେ ପରିଚାଳିତ ହେଉଥିବା ହିନ୍ଦୋଳ ଏନଏସି ରେ ସଂଖ୍ୟାଧିକ ୧୨/୧୩ଜଣରୁ ଉର୍ଦ୍ଧ କାଉନସିଲରଙ୍କ ଭିତରେ ବିଦ୍ରୋହର ସ୍ୱର କୁହିଳିବାରେ ଲାଗୁଥିବା ହିନ୍ଦୋଳ ଏନଏସି ରାଜନୀତିକୁ ସରଗରମ କରିଦେଲାଣି। ତେବେ ଏହି ସ୍ୱାର୍ଥ ହାସଲ ପ୍ରକ୍ରିୟା ଓ ରାଜନୈତିକ କନ୍ଦଳ ପାଇଁ ଅତିଷ୍ଠ ଏନଏସି ଜନସାଧାରଣ ଓ ଭୋଟର ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇବା ସହ ବିରୋଧ କରିବେ ବୋଲି ଚର୍ଚ୍ଚା ଜୋର ଧରିଛି।

# ଇଡିକୋ ବିଭାଗ ଜମି କୁ ବିନା ମୂଲ୍ୟରେ ହାତେଇ ନେଲା ଜେଏସଡବ୍ଲୁ ସିମେଣ୍ଟ

ଯାଜପୁର(ମହାଭାରତ) ଯାଜପୁର ଜିଲ୍ଲା ରେ ଥିବା ଏକାଧିକ କାରଖାନା ସରକାରୀ ଜାଗାକୁ ଜବରଦଖଲ କରିଥିବା ବେଳେ ଇଡକୋ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନାହିଁ। କି ଜିଲ୍ଲା ପ୍ରଶାସନ ମଧ କୁମ୍ଭକର୍ଣ୍ଣ ନିଦ୍ରା ରେ ସୋଇଥିବା ପରି ଲାଗୁଛି। ସୂଚନା ମୁତାବକ କଳିଙ୍ଗନଗର ରେ ଥିବା ଏକାଧିକ ଶିଳ୍ପସଂସ୍ଥାକୁ ନିର୍ମାଣ ପାଇଁ ରାଜ୍ୟ ସରକାର ଙ୍କ ତରଫରୁ ଇଡକୋ ଜମି ପ୍ରଦାନ କରିଛନ୍ତି। ଜମି ପ୍ରଦାନ କରିବା ପରେ ଇଡକୋ ର କିଛି ଅସାଧୁ କର୍ମଚାରୀ ମାନଙ୍କ ସହଯୋଗ ରେ ଶିଳ୍ପସଂସ୍ଥା ମାନେ ଅଧିଗ୍ରହଣ କରିଥିବା ଜମି ର ପରିମାଣ ଠାରୁ ବିପୁଳ ପରିମାଣରେ ସରକାରୀ ଜମିକୁ ନିଜର ଆବଶ୍ୟକତା ପୂରଣ କରିବାକୁ ଯାଇ ନିଜର କାର୍ଯ୍ୟ ରେ ଲଗାଇ ଆସୁଥିବା ଦେଖିବାକୁ ମିଳିଛି। କଳିଙ୍ଗନଗର ରେ ଥିବା ଜେଏସଡବ୍ଲୁ ସିମେଣ୍ଟ କାରଖାନା ରାଜ୍ୟ ସରକାର ଙ୍କ ଠାରୁ ୧୮.୮ ଏକର ପରିମିତ ଜମି ପ୍ରଦାନ କରିବା ସମୟରେ ଯେଉଁ ସବୁ ନିୟମ ପାଳନ କରିବା ପାଇଁ କାରଖାନା ପ୍ରତିଶୃତି ଦେଇଥିଲେ। ତାହା କୁ ଅଣଦେଖା




କରୁଥିବା ଦେଖିବାକୁ ମିଳିଛି। ଜେଏସଡବ୍ଲୁ ୧.୨ ନିୟୁତ ମେଟ୍ରିକ୍ ଟନ୍ ଉତ୍ପାଦନ କ୍ଷମତା ବିଶିଷ୍ଟ ସିମେଣ୍ଟ କାରଖାନା ସ୍ଥାପନ ସମୟରେ ପରିବେଶ ପ୍ରଦୂଷଣ କରିବନାହିଁ। ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ରେ ଅଗ୍ରାଧିକାର ଦେବାକୁ ପ୍ରତିଶ୍ରୁତିବଦ୍ଧ ବୋଲି ଲିଖିତ ପ୍ରଦାନ କରିଛନ୍ତି। ମାତ୍ର ଦୁଃଖର ବିଷୟ କି ଯାଜପୁର ଜିଲ୍ଲା ରୁ ଜଣେ କେହି କମ୍ପାନୀ ର ଅଧିକାରୀ ରୂପରେ ଦେଖିବାକୁ ମିଳୁନାହାଁନ୍ତି। ଏଥି ସହିତ ଜିଲ୍ଲା ପ୍ରଶାସନ ର କୌଣସି କଥା କୁ ମାନୁ ନଥିବା ପରି ପରିଲକ୍ଷିତ ହୋଇଛି। ୧୮.୮ ଏକର ଜମିରେ ଆବଶ୍ୟକତା ଅନୁଯାୟୀ କାରଖାନା ସ୍ଥାପନ କରିବା କଥା ମାତ୍ର ବର୍ତ୍ତମାନ ଦେଖିବାକୁ ମିଳିଛି କି ବେଆଇନ ଭାବରେ ଇଡକୋ ତଥା ସରକାରୀ ଜାଗା କୁ ଜବରଦଖଲ କରି ନିଜ ର ବହୁ ପ୍ରକଳ୍ପ କରିଥିବା ଦେଖିବାକୁ ମିଳିଛ। ଏହି ବେଆଇନ କାର୍ଯ୍ୟ କୁ ପରୋକ୍ଷରେ ଇଡକୋ ବିଭାଗ ର କିଛି କର୍ମକର୍ତ୍ତା ମାନଙ୍କ ସହଯୋଗ କରୁଥିବା ପରି ପରିଲକ୍ଷିତ ହୋଇଛି। କାରଣ ୩୦୦ ମିଟର କମନ କରି ଡୋର ରାସ୍ତା ପାଇଁ ଥିବା ସବକାରୀ ଯାଗା କୁ କିପରି ଜେଏସଡବ୍ଲୁ ସିମେଣ୍ଟ କାରଖାନା ନିଜ ଗାଡିଗୁଡିକ ସଫା କରିବା ପାଇଁ ହୁଇଲି ୱସିଙ୍ଗି ସିଷ୍ଟମ ନିର୍ମାଣ କାର୍ଯ୍ୟ କରିଥିବା ସହିତ ନିଜର କାରଖାନା ସମ୍ମୁଖରେ ଗାଡ଼ି ପାର୍କିଂ ସ୍ଥଳ ନିର୍ମାଣ କରି ସ୍ଥାୟୀ ଭାବରେ କ୍ୟାଣ୍ଟିନ କରି ସମ୍ପୂର୍ଣ୍ଣ ଭାବେ ସରକାରୀ ଜାଗା କୁ ଜବରଦଖଲ କରିଥିବା ଦେଖିବାକୁ ମିଳିଛି। ପୂର୍ବରୁ ଥିବା କଚେରି ଗାଁ ନାଳ କୁ ମଧ ଧିରେ ଧିରେ କାରଖାନା ରୁ ବାହାରୁଥିବା ବର୍ଯ୍ୟ ବସ୍ତୁ ପକାଇ ଜଳସ୍ରୋତ କୁ ପରିବର୍ତ୍ତନ କରିବାପାଇଁ ଚେଷ୍ଟା କରୁଥିବା ଦେଖିବାକୁ ମିଳିଛି। ଏହି ସବୁ ଘଟଣା କୁ ଯଦି କୌଣସି ବ୍ୟକ୍ତି ଏହି ବିଷୟରେ ସଂପୃକ୍ତ ସଂସ୍ଥା କୁ କିଛି ପଚାରିବା ପାଇଁ ଚେଷ୍ଟା କରୁଛି। ତେବେ କାରଖାନା ର କିଛି କର୍ମଚାରୀ ଅପମାନ ଜନକ କଥା କହିବା କୁ ପଛଘୁଞ୍ଚା ଦେଇନାହିଁ। କଳିଙ୍ଗନଗର ରେ ଏହି ସବୁ ଘଟଣା କୁ ନେଇ ଆଲୋଚନା ହେଉଛି କି ଇଡକୋ ଓ ପ୍ରଦୂଷଣ ନିୟନ୍ତ୍ରଣ ବିଭାଗ ପକ୍ଷରୁ ଯଦି ଜେଏସଡବ୍ଲୁ ସିମେଣ୍ଟ କାରଖାନା କରୁଥିବା ବେଆଇନ କାର୍ଯ୍ୟ କୁ ସମର୍ଥନ କରିବ ତେବେ କଳିଙ୍ଗନଗର ରେ ଥିବା ସାଧାରଣ ଲୋକ ତାଙ୍କର କିଛି କରିପାରିବା ନାହଁୟ ତେଣୁ ନୂତନ ସରକାର କଳିଙ୍ଗନଗର ରେ ଥିବା ସାଧାରଣ ଲୋକ ଙ୍କ ଦୁଃଖ କୁ ହୃଦବୋଧ କରି ସ୍ଥାନୀୟ ପ୍ରଶାସନର କୁମ୍ଭକର୍ଣ୍ଣ ନିଦ୍ରା ରୁ ଭାଙ୍ଗି ସାଧାରଣ ଲୋକଙ୍କ ଅସୁବିଧା ଦୁର କରିବା ପାଇଁ କିଛି ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରିବାପାଇଁ ନିର୍ଦ୍ଦେଶ ଜାରି କରିଲେ ସାଧାରଣ ଲୋକ ବହୁ ଉପକୃତ ହୋଇପାରିବେ ବୋଲି ଆଲୋଚନା ହେଉଛି।

## ଜିଲ୍ଲାପାଳଙ୍କ ମିଳିତ ଜନ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ



ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ଠାରେ ଗ୍ରାମ୍ୟ ମୁଖୀ ପ୍ରଶାସନ ସହ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ ହୋଇଯାଇଅଛି ।ଏହି ଅଭିଯୋଗ ଶୁଣାଣିରେ ଗଜପତି ଜିଲ୍ଲାପାଳ ବିଜୟ କୁମାର ଦାଶ, ଆରକ୍ଷୀ ଅଧିକ୍ଷକ ଯତୀନ୍ଦ୍ର କୁମାର ପଣ୍ଡା,ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ର୍ନିବାହୀ ଅଧିକାରୀ ଜିଲ୍ଲା ପରିଷଦ ଗଜପତି ଡ଼.ଗୁଣନିଧି ନାଏକ ଓ ସିଦ୍ଧାର୍ଥ ଜୈନ୍, ଆଇଏଫ୍ଏସ୍, (ପ୍ରବେସନ୍) ଏହି ମିଳିତ ଜନ ଅଭିଯୋଗ ଶୁଣାଣୀରେ ଯୋଗଦାନ କରି ପାରଳାଖେମୁଣ୍ଡି ପୌର ପରିଷଦ ସମେତ କେରାଣ୍ଡି, କତଳକଇଠା,ରାଣୀପେଣ୍ଠ ଓ ସିଧାମାଡ଼ଙ୍ଗ ପଞ୍ଚାୟତର ସମୁଦାୟ ମୋଟ- ୮୯ ଗୋଟି ଅଭିଯୋଗ ପତ୍ର ଗ୍ରହଣ କରାଯାଇଥିଲା। ସେଥି ମଧ୍ଯରୁ ବ୍ୟକ୍ତିଗତ ଅଭିଯୋଗ ସମସ୍ୟା- ୭୪ ଗୋଟି,ଗ୍ରାମ ଭିତ୍ତିକ ସମସ୍ୟା- ୧୫ ଗୋଟି ଓ ୯ ଗୋଟି ଅଭିଯୋଗକୁ ତୁରନ୍ତ ସମାଧାନ କରାଯାଇଛି । ଆଜିର ଏହି ଅଭିଯୋଗ ଶୁଣାଣି ଶିବିରରେ ସାମାଜିକ ସୁରକ୍ଷା,ଜମି ପଟ୍ଟା,ମନରେଗା,ଗୃହ ର୍ନିମାଣ, ରାସନ୍ କାର୍ଡ, ଶିକ୍ଷା,ଜଳ ସେଚନ ରାସ୍ତା ଓ ସ୍ୱାସ୍ଥ୍ୟ ସମସ୍ୟା ବୋଲି ବିଭିନ୍ନ ସମସ୍ୟା ନେଇ ଅଭିଯୋଗ ଆସିଥିଲା । ଆଜିର ଗ୍ରାମ୍ୟ ମୁଖୀ ପ୍ରଶାସନ ସହ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣୀ ରେ ଉପଜିଲ୍ଲାପାଳ ପାରଳାଖେମୁଣ୍ଡି ଶ୍ରୀ ଅନୁପ ପଣ୍ଡା, ପ୍ରକଳ୍ପ ପ୍ରଶାସକ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପାରଳାଖେମୁଣ୍ଡି ଶ୍ରୀ ଅଂଶୁମାନ ମହାପାତ୍ର, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ମହମ୍ମଦ ମୁବାରକ୍ ଆଲ୍ଲୀ, ଗୋଷାଣୀ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀ ଗୋରା ଚନ୍ଦ୍ର ପଟ୍ଟନାୟକ ,ସ୍ଥାନୀୟ ତହସିଲଦାର ନାରାୟଣ ବେହେରା ଓ ଅଭିଯୋଗ ଶୁଣାଣୀର ନୋଡାଲ ଅଧିକାରୀ ତଥା ଡେପୁଟି କଲେକ୍ଟର ଲିପିନା ଦାସ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀଗଣ ଏହି ଅଭିଯୋଗ ଶୁଣାଣୀରେ ଉପସ୍ଥିତ ଥିଲେ।

# ଜିଲ୍ଲା ସ୍ତରୀୟ ର୍ନିମାଣ ଶ୍ରମିକ କଲ୍ୟାଣ ସମାରୋହ

ନବରଙ୍ଗପୁର(ମହାଭାରତ): ଆଜି ସ୍ଥାନୀୟ ରଙ୍ଗମାଟିଗୁଡା ସ୍ଥିତ ଶ୍ରୀ କଲ୍ୟାଣ ମଣ୍ଡପ ଠାରେ ଏକ ର୍ନିମାଣ ଶ୍ରମିକ କଲ୍ୟାଣ ସମାରୋହ ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ମାନ୍ୟବର ବିଧାୟକ ନବରଙ୍ଗପୁର ଶ୍ରୀ ଗୌରୀ ଶଙ୍କର ମାଝୀ ମୁଖ୍ୟ ଅତିଥି ରୂପେ ଯୋଗଦେଇ ର୍ନିମାଣ ଶ୍ରମିକ ହିତାଧିକାରୀଙ୍କୁ ସହାୟତା ବଣ୍ଟନ କରିଥିଲେ। ମୁଖ୍ୟ ଅତିଥି ଶ୍ରୀ ମାଝୀ ନିଜ ବକ୍ତବ୍ୟରେ ଓଡିଶା ସରକାରଙ୍କ ର୍ନିମାଣ ଶ୍ରମିକଙ୍କ ପାଇଁ ବିଭିନ୍ନ ସହାୟତା ଓ ପଞ୍ଜୀକରଣ ନିଜକୁ କିଭଳି କରିପାରିବେ ଓ ଏହାର ସୁବିଧା ସୁଯୋଗ ପାଇପାରିବେ ତାହା ଶ୍ରମିକ



ଭାଇଭଉଣୀମାନଙ୍କୁ ଉଦବୋଧନ ଦେଇଥିଲେ। ଜିଲ୍ଲା ଶ୍ରମ ଅଧିକାରୀ ଛୋଟରାୟ ଟୁଡୁ ର୍ନିମାଣ ଶ୍ରମିକମାନଙ୍କ ପାଇଁ କିଭଳି ଅନଲାଇନରେ ନିଜର ପଞ୍ଜୀକରଣ କରି ବିଭିନ୍ନ ସହାୟତା ଉପଲବ୍ଧି କରିପାରିବେ ତାହା ଶ୍ରମିକ ଭାଇ ଭଉଣୀମାନଙ୍କୁ ବୁଝାଇଥିଲେ । ର୍ନିମାଣ ଶ୍ରମିକ ପଞ୍ଜୀକରଣ ନିମନ୍ତେ ଜିଲ୍ଲା ଶ୍ରମ ଅଧିକାରୀ ଏବଂ ସହକାରୀ ଶ୍ରମ ଅଧିକାରୀ ମାନଙ୍କୁ ପଞ୍ଜୀକରଣ ଅଧିକାରୀ ଭାବେ ନିଯୁକ୍ତି କରାଯାଇଛି ।ଆଜି ଶିବିରରେ ଉପସ୍ଥିତ ଶ୍ରମିକ ଭାଇ ଭଉଣୀଙ୍କ ମଧ୍ଯରେ ଶିକ୍ଷା ସହାୟତା ରୂପେ ୫ ଜଣଙ୍କୁ , ବିବାହ ସହାୟତା ରୂପେ ୫ ଜଣଙ୍କୁ , ମାତୃ ସହାୟତା ରୂପେ ୩ଜଣଙ୍କୁ , ମୃତ୍ୟୁ ଓ ଅନ୍ତ୍ୟେଷ୍ଟି କ୍ରିୟା ସହାୟତା ରୂପେ ୬ ଜଣଙ୍କୁ , ଏଭଳି ମୋଟ ୧୯ଜଣଙ୍କୁ ୧୬,୬୨,୦୦୦/- ଟଙ୍କା ସହାୟତା ହିତାଧିକାରୀ ଙ୍କୁ ଚେକ ମାଧ୍ୟମରେ ମୁଖ୍ୟ ଅତିଥି ଶ୍ରୀ ମାଝୀ ପ୍ରଦାନ କରିଥିଲେ। ୧୯୯୮ ଜଣଙ୍କୁ ନୂତନ ଭାବେ ର୍ନିମାଣ ଶ୍ରମିକ ପରିଚୟ ପତ୍ର ପ୍ରଦାନ କରାଯାଉଛି ।ଜିଲ୍ଲା ସ୍ତରୀୟ ଶ୍ରମିକ କଲ୍ୟାଣ ସମାରୋହରେ ଆଜି ଅନଲାଇନ ମାଧ୍ୟମରେ ବିବାହ ସହାୟତା ରୂପେ ୯୩ ଜଣଙ୍କୁ ୪୬,୫୦,୦୦୦ ଟଙ୍କା, ମାତୃତ୍ୱ ସହାୟତା ରୂପେ ୫୭ ଜଣଙ୍କୁ ୫,୭୦,୦୦୦ ଟଙ୍କା, ଶିକ୍ଷା ସହାୟତା ରୂପେ ୩୦ ଜଣଙ୍କୁ ୨,୯୭,୦୦୦ ଟଙ୍କା , ମୃତ୍ୟୁ କାଳୀନ ସହାୟତା ରୂପେ ୩୯ ଜଣଙ୍କୁ ୮୨,୦୦,୦୦୦ ଟଙ୍କା , ଅନ୍ତେଷ୍ଟିକ୍ରୀୟା ସହାୟତା ରୂପେ ୩୮ ଜଣଙ୍କୁ ୧,୯୦,୦୦୦ ଟଙ୍କା ଏଭଳି ମୋଟ ୨୫୭ ଜଣ ହିତାଧିକାରୀଙ୍କ ଜମାଖାତା କୁ ୧,୩୯,୦୭,୦୦୦ ଟଙ୍କା ପ୍ରେରଣ କରାଯାଉଛି। ଶିବିରରେ ସାଂସଦ ପ୍ରତିନିଧି ଜାନକୀ ବିଶୋଇ , ପ୍ରଭା ଗୀୟ ଶ୍ରମ ଆୟୁକ୍ତ କୁବେର ବେହେରା,ଜିଲ୍ଲା ଶ୍ରମ ଅଧିକାରୀ ଛୋଟରାୟ ଟୁଡୁ, ଡି ଆଇ ପି ଆର୍ ଓ ମନୋଜ କୁମାର ବେହେରା,କୁଞ୍ଜ ବିହାରୀ ଦାସ, ଶ୍ରମିକ ଟ୍ରେଡ ୟୁନିୟନ ନେତା ଓ ସଭ୍ୟ, ଶ୍ରମ କାର୍ଯ୍ୟାଳୟ ର କର୍ମଚାରୀ,ଗଣମାଧ୍ୟମ ପ୍ରତିନିଧିଙ୍କ ସହ ପ୍ରାୟ ୩୦୦ରୁ ଊର୍ଦ୍ଧ୍ୱ ଶ୍ରମିକ ଭାଇଭଉଣୀ ଉପସ୍ଥିତ ଥିଲେ।

## ନୂତନ ବ୍ଳକ ଗଠନ ଦାବିରେ ରାଲି ଓ ଦାବିପତ୍ର ପ୍ରଦାନ

ଧର୍ମଗଡ଼,(ମହାଭାରତ):ରାଜ୍ୟରେ ସମ୍ପ୍ରତି ନୂତନ ବ୍ଳକ ଗଠନ ଦାବିକୁ ନେଇ ବିଭନ୍ନ ଅଂଚଳରେ ଦାବି ଉଠୁଛ ।ଏହି କ୍ରମରେ କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ବ୍ଳକର ଟିପିଗୁଡ଼ା କୁ ବ୍ଳକ ଗଠନ ଦାବିରେ ରାଲି ଓ ଦାବିପତ୍ର ପ୍ରଦାନ କରାଯାଇଛି ।ଆଜିର ରାଲିରେ ଟିପିଗୁଡ଼ା, କନା ଗାଁ,ଡୁମେରଗୁଡା, କ । େ ଙ୍କ ର ି , ସନ୍ଧିକୁଲିହାରି,ଗୋଳାମୁଣ୍ଡା ବ୍ଳକର ଖମାର ହଳଦୀ,ଗଣ୍ଡାମେର ଆଦି ପଞ୍ଚାୟତର ଲୋକେ ଉପସ୍ଥିତ ଥିବା ବେଳେ,ଟିପିଗୁଡା ବ୍ଳକ ଗଠନ କ୍ରିୟାନୁଷ୍ଠାନ କମିଟିର ସଭାପତି ସନ୍ତୋଷ ନାଏକଙ୍କ ନେତୃତ୍ୱରେ ରାଲି ଅନୁଷ୍ଠିତ ହୋଇଥିବାବେଳେ କ୍ରିୟାନୁଷ୍ଠାନ କମିଟିର ଉପଦେଷ୍ଟା ଅଶୋକ ପଟ୍ଟଯୋଶୀ, ଉପ ସଭାପତି ଡୁମେରଗୁଡା ପଞ୍ଚାୟତର ପୂର୍ବତନ ସରପଞ୍ଚ ସୁରେଶ ଭଏଁସାଲ, ଚେତନ୍ୟ ନାଏକ , ସମ୍ପାଦକ ଟିକେରାମ ସାହୁ, ସହ ସମ୍ପାଦକ ମଙ୍ଗନିଆ ଦୁର୍ଗା, ଯୁଗ୍ମ ସମ୍ପାଦକ ଟିପିଗୁଡା ସରପ□ ତଥା ଧର୍ମଗଡ଼ ବ୍ଳକ ସରପ□ ସଙ୍ଘ ସଭାପତି ହାତୀରାମ ଦୁର୍ଗା, ସମିତି ସଭ୍ୟା ଲତିକା ବାଗ, ପୂର୍ବତନ ଟିପିଗୁଡା ସରପଞ୍ଚ ଗଜିନ୍ଦ୍ର ନାଏକ, ଉଗ୍ରେସନ ନାଏକ,ଟିପିଗୁଡା ଗୌନ୍ତିଆ ବନ୍ଧକୁମର ନାଏକ, ଈଶ୍ୱର ବଞ୍ଜାରା, ପଦ୍ମଲୋଚନ ବୋଡ଼େକ, ସୁଭାଶିଷ ପଟ୍ଟନାୟକ, ତେଜନ ଦୁର୍ଗା, କୃଷ୍ଣଦାସ ନାଏକ, ଜୀବଶଙ୍କର ନାଏକ, ସରୋଜ ନାଏକ, ରାଜାରାମ ନାଏକ ସମେତ ଟିପିଗୁଡା ଅଞ୍ଚଳର ପ୍ରାୟ ହଜାରେ ଲୋକ ଧର୍ମଗଡ଼ ଉତ୍ସବ ପଡିଆରୁ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଆସି ସହକାରୀ ଉପଜିଲ୍ଲାପାଳ ଅଜୟ ପ୍ରକାଶ ତୀର୍କୀ ଙ୍କୁ ପ୍ରଦାନ କରିଥିଲେ । ସହାୟକ ଜିଲ୍ଲାପାଳ ଶ୍ରୀକାନ୍ତ ଶତପଥୀ ଅଜିତ କୁମାର ଶବର ଉପସ୍ଥିତ ଥିଲେ ।

## ଘରବାହାଲକୁ ବ୍ଲକ୍ ମାନ୍ୟତା ଦାବି: ଆନ୍ଦୋଳନ ପାଇଁ ସଜବାଜ ହେଲେ ପଞ୍ଚାୟତ ବାସି



ଜୁନାଗଡ଼, ମହାଭାରତ:ରାଜ୍ୟରେ ବ୍ଲକ୍ ସମ୍ପ୍ରସାରଣ ନେଇ ରାଜ୍ୟ ସରକାର ଘୋଷଣା କରିବା ପରେ ବିଭିନ୍ନ ପଞ୍ଚାୟତକୁ ବ୍ଲକ୍ ଘୋଷଣା ଦାବି ତେଜିଛି। ଏହି କ୍ରମରେ ଜୁନାଗଡ଼ ବ୍ଲକ୍ କୁ ବିଭାଜନ କରି ଏକ ନୂତନ ବ୍ଲକ ଗଠନ ଦାବି ହୋଇଛି। ଘରବାହାଲ ପଞ୍ଚାୟତ ଏବଂ ଆଖ ପାଖ ୧୫ ପଞ୍ଚାୟତକୁ ନେଇ ଏକ ନୂତନ ବ୍ଲକ୍ ଗଠନ ଏବଂ ଘର ଲକୁ ବ୍ଲକ୍ ମୁଖ୍ୟାଳୟ ଗଠନ ନେଇ ଏକ ଜନ ଆନ୍ଦୋଳନ ମୁଣ୍ଡ ଟେକିଛ। ଏହି ଦାବି ନେଇ ଘରବାହାଲ ବ୍ଲକ୍ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ସ୍ଥାନୀୟ ପଂଚାୟତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଘରବାହାଲ ସରପ□ ସତ୍ୟଭାମା ପଣ୍ଡାଙ୍କ ଅଧକ୍ଷତା ଓ ଆବାହକ ରବି ନାରାୟଣ ଚଲାନଙ୍କ ପରିଚାଳନାରେ ଆଇନଜିବି ଲଳିତ କିଶୋର ପଣ୍ଡା, ବିଜେପି ନେତା ପ୍ରାଣ କିଶୋର ପଣ୍ଡା, ଶ୍ରମିକ ନେତା ସୁରେନ୍ଦ୍ର ମୋହନ କର, ରୋଚେନ ବାଗ, ରାମ ନାରାୟଣ ପଣ୍ଡା, ସମୀର ପଣ୍ଡା ପ୍ରମୁଖ ଉପସ୍ଥିତ ରହି ଆଗାମି କାର୍ଯ୍ୟପ୍ୟା ସଂପର୍କରେ ଆଲୋଚନା କରିଥିଲେ।ଏହି ଦାବି ନେଇ ଏକ ପ୍ରତିନିଧି ଦଳ ରାଜ୍ୟ ସରକାରଙ୍କ ସହିତ ଆଲୋଚନା କରିବା ନେଇ ଆଲୋଚନା ହୋଇଥିଲା। ନିବେଦକ ନିକୁଞ୍ଜ ବିହାରି ଚଲାନ ଧନ୍ୟବାଦ୍ ଦେଇଥିଲେ। ଏହି ପ୍ରସ୍ତୁତି ବୈଠକରେ ଅନ୍ୟ ମାନଙ୍କ ମଧ୍ୟରେ ଯତୀନ୍ଦ୍ର ମହାନନ୍ଦ,ଆଶିଷ ପଣ୍ଡା,ସଚ୍ଚିଦାନନ୍ଦ ଚଲାନ,ଟଙ୍କଧର ଚଲାନ,ସୁମନ୍ତ କର,ନବ ପାନ,ଚନ୍ଦ୍ର ଶେଖର କର,ସନ୍ତୋଷ କର,କାହ୍ନୁ ଚରଣ ସାହୁ, ଶଶାଙ୍କ ସିଂ,ଜଗଓାଥ ଘି,ମଧୁସୂଦନ ତାଣ୍ଡି,ଭୋକରଧନ ଧ ମାଝୀ ଉପସ୍ଥିତ ଥି।

## ଜୟଦେବ ବିଜେପି ପକ୍ଷରୁ କଂଗ୍ରେସ ବିରୁଦ୍ଧରେ ବିକ୍ଷୋଭ ପଦର୍ଶନ



ବାଲିପାଟଣା,(ମହାଭାରତ)ଭାରତର ପ୍ରଥମ ନାଗରିକ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କ ପ୍ରତି କଂଗ୍ରେସ ନେତା ସୋନିଆ ଗାନ୍ଧୀ ଓ ରାହୁଲ ଗାନ୍ଧୀଙ୍କ ଅପମାନଜନ ମନ୍ତବ୍ୟ ପ୍ରତିବାଦରେ ଆଜି ସନ୍ଧ୍ୟାରେ ଜୟଦେବ ବିଜେପି ପକ୍ଷରୁ ବାଲିପାଟଣା ଛକର ବସନ୍ତମାଳ ଠାରେ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ସୋନିଆ ଗାନ୍ଧୀ ଓ ରାହୁଲ ଗାନ୍ଧୀ ବିରୁଦ୍ଧରେ ସ୍ଲୋଗାନ ଦେଇଥିଲେ ।ବିଜେପି ନେତା ଭାରତୀୟ ଜନତା ପାର୍ଟି କୁରୁଂଜିପୁର ପଂଚାୟତ ତରଫରୁ ବ୍ରହ୍ମା ନନ୍ଦ ବେହେରା, ଅମୁଲ୍ୟ ବେହେରା, ପ୍ରଫୁଲ୍ଲ ବେହେରା, ରଞ୍ଜନ ମଲିକ ଙ୍କ ନେତୃତ୍ୱରେ ସୋନିଆ ଗାନ୍ଧୀ ଙ୍କ କୁଶ ପୁ□ଳିକା ଦାହ କରିଥିଲେ।

## ବେହେରା ଠାରେ ଦଣ୍ଡପାଟ ବ୍ଲକ ଘୋଷଣା ପାଇଁ ଜିଲ୍ଲାପାଳଙ୍କୁ ଭେଟିଲେ ଅଂଚଳ ବାସୀ ଜିଲ୍ଲାପାଳ ଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ

କଳାହାଣ୍ଡି/ମହାଭାରତ:କିଛି ଦିନ ତଳେ ଓଡିଶା ରାଜସ୍ୱ ମନ୍ତ୍ରୀ ଶ୍ରୀ ସୁରେଶ ପୂଜାରୀ ଗଣମାଧ୍ୟମ ରେ ତାଙ୍କ ସରକାର ବ୍ଲକ ପୁନର୍ଗଠନ ପାଇଁ ଚିନ୍ତା କରୁଥିବା ବିଷୟ ପ୍ରକାଶ କରିବା ପରେ ରାଜ୍ୟର ବିଭିନ୍ନ ଅଂଚଳରେ ଲୋକଙ୍କ ଭିତରେ ନୂତନ ବ୍ଲକ ଗଠନ ନେଇ ଆଶା ସଂଚର ହୋଇଛି। ବିଶେଷକରି କଳାହାଣ୍ଡି ଜିଲ୍ଲାର ଐତିହାସିକ ଦଣ୍ଡପାଟ ଅଂଚଳ ର ୧୧ ଗୋଟି ପଂଚାୟତକୁ ନେଇ ନୂତନ ଭାବେ ଦଣ୍ଡପାଟ ବ୍ଲକ ଘୋଷଣା ପାଇଁ ଅଂଚଳ ବାସୀ ଆଜି କଳାହାଣ୍ଡି ଜିଲ୍ଲାପାଳ ଙ୍କୁ ଭେଟି ତାଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ ଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତ। ପ୍ରସ୍ତାବିତ ଏହି ନୂତନ ବ୍ଲକ ପାଇଁ ଆଜି ଧର୍ମଗଡ଼ ବ୍ଲକର ବେହେରା, ଜୟନ୍ତପୁର, ଛଞ୍ଚାଣବାହଲି, ଧଅରପୁର, ତେଣ୍ଡାପାଲି ପଂଚାୟତ ଓ କୋକସରା ବ୍ଲକ ର ଗୋତମୁଣ୍ଡା, ସାନପୋଡଗୁଡା, ଡାଲଗୁମା, ମୂଷାପାଲି, ଉହଗାଁ ଓ ଖୁ□ଆ ପଂଚାୟତ ର ସମସ୍ତ ପଂଚାୟତ ପ୍ରତିନିଧି, ବୁଦ୍ଧିଜୀବୀ ଦଳ ମତ ର୍ନିବିଶେଷରେ ସମସ୍ତେ ମିଶି ଆଜି ଜିଲ୍ଲାପାଳ କଳାହାଣ୍ଡି ଙ୍କୁ ବେହେରା ଠାରେ ଦଣ୍ଡପାଟ ବ୍ଲକ ପ୍ରତିଷ୍ଠା କରିବା ପାଇଁ ଜିଲ୍ଲା ପ୍ରଶାସନ ର ସାହାଯ୍ୟ ଲୋଡ଼ିଥିଲେ । ବେହେରା ଗ୍ରାମ ହେଉଛି ଦଣ୍ଡପାଟ ଅଂଚଳର ମୁଖ୍ୟ ବାବାସାୟିକ କେନ୍ଦ। ବେହେରା ଗ୍ରାମ ଉପରେ ଏହି ଅଂଚଳ ବ୍ୟତୀତ ପଡୋଶୀ ନବରଙ୍ଗପୁର ଜିଲ୍ଲା ଓ ଛତିଶଗଡ଼ ରାଜ୍ୟର ଶହ ଶହ ବ୍ୟକ୍ତି ପ୍ରତ୍ୟେକ ଦିନ ନିଜର ଜୀବନ ଜୀବିକା ପାଇଁ ର୍ନିଭର କରନ୍ତି. ଠିକ ସେହିଭଳି ବେହେରା ଠାରେ +୨ ଓ +୩ କଲେଜ, ପ୍ରାଥମିକ ଚିକିତ୍ସାଳୟ, ରାଜସ୍ୱ ନିରୀକ୍ଷକ ଙ୍କ କାର୍ଯ୍ୟାଳୟ ଭଳି ଅନେକ ସରକାରୀ କାର୍ଯ୍ୟାଳୟ ଥିବାରୁ ଏହି ଅଂଚଳର ଲୋକ ମାନେ ବିଭିନ୍ନ ସରକାରୀ ସୁବିଧା ସୁଯୋଗ ପାଇଥାନ୍ତି । ତେଣୁ ନୂଆଁ ସରକାର ଦଣ୍ଡପାଟରେ ଏକ ନୂତନ ବ୍ଲକ ଗଠନ ପାଇଁ ଆବଶ୍ୟକ ପଦକ୍ଷେପ ନିଅନ୍ତୁ ବୋଲି ସେମାନେ ଦାବିପତ୍ର ରେ ଉଲ୍ଲେଖ କରିଛନ୍ତି । ବର୍ତମାନ ଓଡିଶାରେ ଡବଲ ଇଂଜିନର ସରକାର ତେଣୁ ବ୍ଲକ ପୁନର୍ଗଠନ କରି ଇତିହାସ ସୃଷ୍ଟି କରିବାକୁ ଲୋକେ ମୁଖ୍ୟମନ୍ତ୍ରୀ ଙ୍କୁ ଅନୁରୋଧ କରିଛନ୍ତ। ପୁନଶ୍ଚ ଜିଲ୍ଲାପାଳ ମଧ ତାଙ୍କ ଅବଧିରେ ବେହେରା ଠାରେ ଦଣ୍ଡପାଟ ବ୍ଲକ ଗଠନ କରିବା ପାଇଁ ସରକାର ଙ୍କୁ ନିଜର ଏକ ଉତ୍ତମ ସୁପାରିଶ କରିବାକୁ ସମବେତ ବୁଦ୍ଧିଜୀବୀ ଅନୁରୋଧ କରିଥିଲେ। ଉକ୍ତ ଦାବୀ ଉପରେ ପ୍ରତିକ୍ରିୟା ରଖି ଜିଲ୍ଲାପାଳ ସରକାର ତ ଏ ପର୍ଯ୍ୟନ୍ତ ବିଧିବଦ୍ଧ ଭାବେ ବ୍ଲକ ପୁନର୍ଗଠନ ପାଇଁ ନୋଟିସ ଜାରି କରି ନାହାନ୍ତି. ଆଗାମୀ ଦିନରେ ଏଭଳି ବିଜ୍ଞପ୍ତି ପ୍ରକାଶ ପାଇଲେ ସେ ସରକାର ଙ୍କ ନିୟମ ମୁତାବକ ନିଶ୍ଚୟ ସାହାଯ୍ୟ କରିବେ ବୋଲି ପ୍ରକାଶ କରିଥିଲେ। ଆଜିକାର ଏହି କାର୍ଯ୍ୟକ୍ରମରେ ଦଣ୍ଡପାଟ ବ୍ଲକ କ୍ରିୟାନୁଷ୍ଠାନ କମିଟି ର ସଭାପତି ଘନଶ୍ୟାମ ପଟେଲ, କାର୍ଯ୍ୟକାରୀ ସଭାପତି ଦିଗାମ୍ବର ଦୁରିଆ, ସମ୍ପାଦକ ପ୍ରଶାନ୍ତ ତିୱାରି, ଉପଦେଷ୍ଟା କମିଟି ଅଧ୍ୟକ୍ଷ ଧର୍ମାନନ୍ଦ ସେଠିଆ, ଜିଲ୍ଲା ପରିଷଦ ସଭ୍ୟ ହେମନ୍ତ ମାଝୀ, ସରପଞ୍ଚ ଗୌଲୋଚନ ଗୋପାଳ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ବଳରାମ ପୂଝରୀ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଭିକାରି ନିଆଲ, ଭବେଶ ଗଇନ୍ତା, ନୌଜଲ ବାଗ, ସମତି ସଭ୍ୟ କିଶୋର ନାଗ, ଭାରତ ଗୋପାଳ, ତୁଳସୀ ରାମ ବାରିକ, ଚି□ରଞ୍ଜନ ପୂଝାରୀ, ବଳରାମ ପୂଝାରୀ, ଚନ୍ଦ୍ରଶେଖର ନାଏକ, ଚନ୍ଦନ ବାଣୁଆ, ଗୌରଚନ୍ଦ୍ର ବାଗ,ରାଜୁ ସିଂ ଠାକୁର, ଖଗପତି ନାଏକ,ଧର୍ମେନ୍ଦ୍ର ସୋନି, ତ୍ରିଲୋକନାଥ ସିଂ, ସୁରେନ୍ଦ୍ର ନାଏକ, କମଲୁ ଗୋପାଳ, ସତ୍ତ୍ୱେଶ୍ୱର ଭଇଁସାଲ ଆଦି ଉପସ୍ଥିତ ଥିଲେ।

## ବନମାଳି ନାଏକ ସରପଞ୍ଚ ନା ଗୋଟିଏ ଫିଲ ଅଫିର

ପାଟଣାଗଡ଼ ( ମହାଭାରତ ) ବେଲପଡା ବ୍ଲକ ଧୁମାଭଟା ଗ୍ରା.ପ ରେ ସବୁ ବେଳେ ଲୋକ ଙ୍କର ସାହାଯ୍ୟ ସହଯୋଗ ପାଇଁ ଧୁମାଭଟା ସରପଞ୍ଚ ଆଗରେ ରହି କାମ କରନ୍ତି ଆପଣ ମାନେ ଜାଣି ଥିବେ ରାଜ୍ୟ ସରକାର ବୃର୍ଦ୍ଧା ବୃଦ୍ଧ ୮୦ ବର୍ଷିୟା , ହେଣ୍ଡିକେପ୍ ମାନଙ୍କର ୮୦% ହୋଇ ଥିଲେ ସେହି ମାନଙ୍କୁ ୩୫୦୦ ଟଙ୍କା ଭର୍ତ୍ତା ଦେବା ପାଇଁ କହିଛନ୍ତି , କିନ୍ତୁ ଧୁମାଭଟା ଗ୍ରା.ପରେ ଅନେକ ବୃଦ୍ଧ ବୃର୍ଦ୍ଧା ମାନେ ରହି ଯାଇଛନ୍ତି। ସେହି ମାନେ ନିଜର ବୟସ , ଜାଣି ପାରୁ ନାହାନ୍ତି ସେଥି ପାଇ ଧୁମାଭଟା ସରପଞ୍ଚ ଆଜି ଭିନ୍ନ ଢଙ୍ଗର , ପ୍ରୟାସ କରିଛନ୍ତି ସେ ଆଜି ଧୁମାଭଟା ଗ୍ରା.ପ ର ଖଲଖଲି ଗ୍ରାମ ଏବଂ ହଟକଟ ଗ୍ରାମ କୁ ଯାଇ ବୃଦ୍ଧ ବୃଦ୍ଧା ମାନଙ୍କ ର ଭୋଟରକାର୍ଡ ଯାଞ୍ଚ କରି ୮୦ ବର୍ଷିୟ ବୟସ ବୃର୍ଦ୍ଧ ବୃର୍ଦ୍ଧା ମାନଙ୍କର ଏକ ଲିଷ୍ଟ ତାଲିକା ତିଆରି କରିବାର ଦେଖିବାକୁ ମିଳିଥିଲା, ଧୁମାଭଟା ଗ୍ରା.ପରେ କିଛି ନା କିଛି ନୂଆ ଦେଖିବାକୁ ସବୁ ବେଳେ ଦେଖିବାକୁ ମିଳି ଥାଏ, ଶ୍ରୀ ନାଏକ ଙ୍କର ଏହି କାମକୁ ଦେଖି ତାଙ୍କ ଅ□ଳରେ ବେଶ ପ୍ରଂସଶା କରିଛନ୍ତି ଲୋକେ।

## ୨ ଟି ବେଆଇନ ବାଲି ଟ୍ରାକ୍ଟର ସିଜ୍ କଲା ଖଣିବିଭାଗ



ଅସ୍ତରଙ୍ଗ/(ମହାଭାରତ): ଦୀର୍ଘଦିନ ହେବ ଅସ୍ତରଙ୍ଗ ତାଳଦା ଦେବୀ ନଦୀରୁ ବେଆଇନ ଭାବେ ବାଲି ଉଠାଇ ବଜାର ରେ ବିକ୍ରି କରିଆସୁଥିଲେ, ବାଲି ଘାଟ ନିଲାମ ନଥିବା ସ୍ଥାନରେ ମଧ ରାତ୍ରି ରୁ କିଛି ବାଲି ମାଫିଆ ଡ଼ଙ୍ଗୀ ମାଧ୍ୟମ ରେ ନଦୀ ମଝି ରୁ ବାଲି ଆଣି ଘାଟରେ ବ୍ୟବସାୟୀ ମାନଙ୍କୁ ଟ୍ରାକ୍ଟର ରେ ଯୋଗାଇଆସୁଥିଲେ, ଅନେକ ଅଭିଯୋଗ ହେବା ପରେ ସ୍ଥାନୀୟ ପ୍ରଶାସନ କୌଣସି ଆଖି ଦୃଷ୍ଟିଆ ପଦକ୍ଷେପ ନେଉନଥିଲା, କିଛି ଦିନ ହେବ ଏହି ଘାଟରେ ରାତ୍ର ସମୟ ରେ କିଛି ଗୁଣ୍ଡାଶ୍ରେଣୀ ବ୍ୟକ୍ତି ମଧ ଆସି ଜୋର ଜବରଦସ୍ତ ଏହି ବାଲି କୁ ନେଇ ବ୍ୟବସାୟିକ ଅନୁଷ୍ଠାନ ରେ ଲଗାଉଥିଲେ, ସାଧାରଣଲୋକ ଯେତେବେଳେ ନିଜ କାର୍ଯ୍ୟ ପାଇଁ ବାଲି କିଣନ୍ତି ଏହି ଅଞ୍ଚଳ ର ବ୍ୟବସାୟୀ ମାନେ ତଣ୍ଟି ଚିପି ଅର୍ଥ ଆଦାୟ କରନ୍ତି, ଏହି ଘଟଣା କୁ କେନ୍ଦ୍ର କରି ଆଜି ଅବିଭକ୍ତ ପୁରୀ ଜିଲ୍ଲା ର ଲଘୁଜ ଖଣି ଅଧିକାରୀ ସମୀର କୁମାର ମିଶ୍ର ଙ୍କ ନେତୃତ ରେ ଗୋଟେ ସ୍ୱତନ୍ତ୍ର ଟିମ୍ ବାଲି ଘାଟ ପରିଦର୍ଶନ କରିବା ସହ ୨ ଗୋଟି ବାଲିବୋଝଇ ଟ୍ରାକ୍ଟର କୁ ସିଜ୍ କରିବା ସହ ଅସ୍ତରଙ୍ଗ ଥାନା ଜିମା ଦେଇଛନ୍ତି, ସବୁଠୁ ଆଶ୍ଚର୍ଯ୍ୟ କଥା ଜବତ ହୋଇଥିବା ୨ ଗୋଟି ଟ୍ରାକ୍ଟର କିନ୍ତୁ ୪ ଗୋଟି ନମ୍ବରପ୍ଲେଟ, ଗୋଟେ ଟ୍ରାକ୍ଟର ର ସାମ୍ନା ରେ ଓଆର ୧୩ ଜି -୦୦୩୭ଥିବା ବେଳେ ଟ୍ରାକ୍ଟର ଡାଲାରେ ଓଆର୧୩ଜି - ୦୦୩୮, ଠିକ ସେହିପରି ଅନ୍ୟ ଏକ ଟ୍ରାକ୍ଟର ର ସାମ୍ନା ରେ ଓଡି ୦୨-ଏ-୦୦୧୨ ଓ ଡାଲାରେ ଓଡି୦୨ଏଜି -୩୭୧୩ ରହିଛି, ଏଥିରୁ ସ୍ପଷ୍ଟ ପ୍ରମାଣ ମିଳୁଛି ଅସ୍ତରଙ୍ଗ ଅଞ୍ଚଳ ରେ ବାଲି ମାଫିଆ ସମ୍ପୂର୍ଣ୍ଣ ରୂପେ ସକ୍ରିୟ ରହିଛନ୍ତି, ଯେଉଁ କାରଣ ରୁ ଦେବୀ ନଦୀ ନିଜର ଅସ୍ତିତ୍ୱ ହରାଉଛି ଓ ତା ସହିତ ଗ୍ରାହକ ମାନେ ଶୋଷଣ ର ଶିକାର ହେଉଛନ୍ତି ।

## ପ୍ରଧାନ ଶିକ୍ଷକ ଓ କଟକ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ନାଁରେ କଟକ ସଦର ଥାନାରେ ଅଭିଯୋଗ ପରେ ମାମଲା ରୁଜୁ




କଣ୍ଟାପଡା, (ମହାଭାରତ) : କଟକ ସଦର ଥାନା ଅନ୍ତର୍ଗତ କଟକ ସଦର ବ୍ଲକ୍ ଅଧିନରେ ଥିବା ଲକ୍ଷେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ କଟକ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ବିରୋଧରେ ମାନସିକ, ଶାରୀରିକ ନିର୍ଯ୍ୟାତନା ଓ ଜାତିଆଣ ଆକ୍ଷେପକୁ ନେଇ ଗତ ୨୮.୧.୨୦୨୫ରେ କଟକ ସଦର ଥାନାରେ ଅଭିଯୋଗ କରିଥିଲେ ଲକ୍ଷେଶ୍ୱର ବିଦ୍ୟାଳୟର କର୍କଟ ରୋଗରେ ପୀଡିତା ୫୯ ବର୍ଷୀୟା ହିନ୍ଦୀ ଶିକ୍ଷୟିତ୍ରୀ। ସ୍ୱର୍ଣ୍ଣଲତା ବେହେରା। ଶିକ୍ଷୟିତ୍ରୀ ସ୍ୱର୍ଣ୍ଣଲତା ବେହେରା ବାରଙ୍ଗ ବ୍ଲକ୍ ନଗରୀ ପଞ୍ଚାୟତ ଖଣ୍ଡାଗାରହ ଗ୍ରାମର ବାସିନ୍ଦା। ସ୍ୱର୍ଣ୍ଣଲତା ଏତଲାରେ ଉଲ୍ଲେଖ କରିଛନ୍ତି କିଛି ମାସ ପୂର୍ବରୁ ପ୍ରଧାନ ଶିକ୍ଷକ ପ୍ରମଥ ନାଥ ଦେ ଓ କଟକ ଜିଲ୍ଲା ଶିକ୍ଷା ଅଧିକାରୀ ସନ୍ତୋଷ କୁମାର ରାଉତ ଉଭୟ ଶିକ୍ଷୟିତ୍ରୀ ସ୍ୱର୍ଣ୍ଣଲତା ବେହେରାଙ୍କୁ ପ୍ରଧାନ ଶିକ୍ଷକଙ୍କ ରୁମ୍‌ରେ ଡାକି ସିସି ଟିଭି କ୍ୟାମେରା ବନ୍ଦ କରି ୪/୫ଟି ସାଧା କାଗଜରେ ଜବରଦସ୍ତ ଦସ୍ତଖତ କରିବାକୁ କହିଥିଲେ କିନ୍ତୁ ଶିକ୍ଷୟିତ୍ରୀ ସ୍ୱର୍ଣ୍ଣଲତା ବେହେରା ଏହାକୁ ବିରୋଧ କରିଥିଲେ। ବିଦ୍ୟାଳୟର ଶିକ୍ଷୟିତ୍ରୀ ଦସ୍ତଖତ ନ କରିବାକୁ ନେଇ ତାଙ୍କୁ ଧମକ, ଭୟଭୀତ କରି, ଦୁର୍ବ୍ୟବହାର ଓ ଜାତିଆଣ ଆକ୍ଷେପ କରି ଜବରଦସ୍ତ ତାଙ୍କ ଠାରୁ ଦସ୍ତଖତ ନେଇଥିଲେ ଏବଂ ଶିକ୍ଷୟିତ୍ରୀ ଭୟଭୀତ ହୋଇ ଦସ୍ତଖତ କରିଥିଲେ ବୋଲି ଅଭିଯୋଗ ଉଲ୍ଲେଖ କରିଛନ୍ତି। ଆହୁରି ମଧ ଅଭିଯୋଗ କରିଛନ୍ତି ଯେ ଗତ ଜାନୁୟାରୀ ୨୧ ତାରିଖରେ ସ୍ୱର୍ଣ୍ଣଲତା ବେହେରାଙ୍କ ନାମରେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଚିଠି ନଂ ୬୮୫, ତା.୨୦୧.୨୦୨୫ କୁ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପିଅନ ହାତରେ ଶିକ୍ଷୟତ୍ରୀଙ୍କୁ ଦେଇଥିଲେ। ଏହି ଚିଠି ପାଇବା ପରେ ହିନ୍ଦୀ ଶିକ୍ଷୟିତ୍ରୀ ସ୍ୱର୍ଣ୍ଣଲତା ବେହେରା ମାନସିକ ସ୍ତରରେ ଭାଙ୍ଗି ପଡିଥିଲେ। ଉଭୟ ପ୍ରଧାନ ଶିକ୍ଷକ ଓ କଟକ ଜିଲ୍ଲା ଶିକ୍ଷା ଅଧିକାରୀ ଜାଣିଛନ୍ତି ଯେ ଦୀର୍ଘ ବର୍ଷ ହେବ କର୍କଟ ରୋଗରେ ପୀଡିତ ହୋଇ ଚିକିତ୍ସିତ ହେଉଛନ୍ତି। ଶିକ୍ଷୟତ୍ରୀ ହୃଦୟଙ୍ଗମ କଲେ ଯେ ଉଭୟ ପ୍ରଧାନ ଶିକ୍ଷକ ପ୍ରମଥ ନାଥ ଦେ ଓ କଟକ ଜିଲ୍ଲା ଶିକ୍ଷା ଅଧିକାରୀ ସନ୍ତୋଷ ରାଉତ ମିଶି ତାଙ୍କୁ ଏହି ଚିଠି ଦ୍ୱାରା ମାନସିକ ନିର୍ଯ୍ୟାତନା ଦେବାକୁ ମନସ୍ଥ କରିଛନ୍ତି। ଶିକ୍ଷୟିତ୍ରୀ ବହୁତ ଦିନ ନିର୍ଯ୍ୟାତିତ ହେବା ସହି ନ ପାରି ଉଭୟଙ୍କ ବିରୁଦ୍ଧରେ ଆଇନର ଆଶ୍ରୟ ପାଇଁ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଶିକ୍ଷୟିତ୍ରୀଙ୍କ ଅଭିଯୋଗ ପରେ କଟକ ସଦର ଥାନା ପୋଲିସ୍ ଏହାର ତଦନ୍ତ କରି ଏକ ମାମଲା ନଂ ୦୬୭ ତା. ୩୦.୧.୨୦୨୫ ଦିନ ରୁଜୁ କରିଛି। ଭାରତୀୟ ନ୍ୟାୟ ସଂହିତା ୨୦୨୩ ଅଧିନିୟମ ଅନୁସାରେ ଧାରା ୨୯୬, ୩୫୧(୩), ୩(୫) ଓ ଅନୁସୂଚିତ ଜାତି ଓ ଜନଜାତି ଅଧିନୟମରେ ଧାରା ୩(୧) ଆର୍, ୩(୧) ଏସ୍, ୩(୨) ଭିଏ ଦଫାରେ ମାମଲା ରୁଜୁ କରିଛି କଟକ ସଦର ପୋଲିସ୍। ଏହି ମାମଲା ବ□ମାନ ଏସିପି କଟକ ଜୋନ୍-୪ ଏହାର ତଦନ୍ତ କରିବେ। ସୂଚନା ଥାଉକି ଏହି ଲକ୍ଷେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରମଥ ନାଥ ଦେ ଙ୍କ ନାମରେ ପୂର୍ବରୁ ଜଣେ ଉକ୍ତ ବିଦ୍ୟାଳୟ ଅବସରପ୍ରାପ୍ତ କାର୍ଯ୍ୟାଳୟ ସହକାରୀ ନାରାୟଣ ସ୍ୱାଇଁଙ୍କ ଆୟକର କାଗଜ, ପେନ୍‌ସନ୍ କାଗଜ ଏରିୟର୍ ବାବଦରେ ମାନସିକ ସ୍ତରରେ ହଇରାଣ ଓ ଦୁର୍ବ୍ୟବହାର କରିଥିବାର ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇଥିଲା।

# ୧୪ ବାଂଲାଦେଶୀ ଅଟକ

**ନୂଆଦିଲ୍ଲୀ,୩।୨(ଏଜେନ୍ସି):** ଭାରତରେ ବେଆଇନ ଭାବେ ଅନୁପ୍ରବେଶ କରୁଥିବା ବାଂଲାଦେଶୀଙ୍କ ବିରୋଧରେ ଏକ ନିରନ୍ତର ଅଭିଯାନ ଚାଲିଛି । ଏହାରି ଭିତରେ ତ୍ରିପୁରାରେ ସୀମା ସୁରକ୍ଷା ବଳ (ବିଏସଏଫ) ଜାନୁଆରୀ ୨୬ ଠାରୁ ୧୪ ଜଣ ବାଂଲାଦେଶୀଙ୍କୁ ଦେଶରେ ଅନୁପ୍ରବେଶ କରିବାକୁ ଚେଷ୍ଟା କରୁଥିବା ବେଳେ ଧରିଛି । ରବିବାର ଦିନ ବିଏସଏଫର ଜଣେ ବରିଷ୍ଠ ଅଧିକାରୀ ଏହି ସୂଚନା ଦେଇଛନ୍ତି । ଏହାରି ଭିତରେ ଅନୁପ୍ରବେଶରେ ସାହାଯ୍ୟ କରିଥିବା ଦୁଇ ଭାରତୀୟ ଗୁପ୍ତଚରଙ୍କୁ ମଧ୍ୟ ଧରିଛି ବିଏସ୍ଏଫ । ସୀମା ସୁରକ୍ଷା ବଳ ବିପୁଳ ପରିମାଣର ଡ୍ରଗ୍ସ, ଚିନି, ଗାଇଗୋରୁ ଏବଂ ଅନ୍ୟାନ୍ୟ ଚୋରା ସାମଗ୍ରୀ ଜବତ କରିଛି । କୁହାଯାଉଛି ଯେ ଏହି ଜବତ ସାମଗ୍ରୀର ଆନୁମାନିକ ମୂଲ୍ୟ ହେଉଛି ଅଢେଇ କୋଟି ଟଙ୍କା । ଦ୍ୱିପାକ୍ଷିକ ସହଯୋଗ ପ୍ରତି ନିଜର ପ୍ରତିବଦ୍ଧତା ପ୍ରଦର୍ଶନ କରି ବିଏସ୍ଏଫ୍ ସୀମା ସୁରକ୍ଷା ବାଂଲାଦେଶ (ବିଜିବି) ସହିତ ଦୃଢ ସମନ୍ୱୟ ରକ୍ଷା କରିଛି । ବିଏସ୍ଏଫ୍ ଅଧିକାରୀଙ୍କ କହିବାନୁସାରେ, ବିଏସ୍ଏଫ୍ ତ୍ରିପୁରା ଫ୍ରଣ୍ଟିୟର ସଚେତନତା ବୃଦ୍ଧି କରିଛନ୍ତି ଏବଂ ଅନ୍ତର୍ଜାତୀୟ ସୀମାରେ ପାଟ୍ରୋଲିଂକୁ ମଜବୁତ କରିଛନ୍ତି । ଏହି କାରଣରୁ, ୨୬ ଜାନୁଆରୀ ୨୦୨୫ ରୁ ବର୍ତ୍ତମାନ ପର୍ଯ୍ୟନ୍ତ, ବିଏସ୍ଏଫ୍ ସୈନିକମାନେ ସୀମା ପାର କରି ଅନୁପ୍ରବେଶ ଏବଂ ଚୋରା ଚାଲାଣର ଅନେକ ପ୍ରୟାସକୁ ଖଣ୍ଡନ କରିଛନ୍ତି । ସୁରକ୍ଷା ବାହିନୀ ପାଇଁ ଏହା ଏକ ବଡ଼ ସଫଳତା । ଅଧିକାରୀମାନେ କହିଛନ୍ତି ଯେ ବିଭିନ୍ନ ଅପରେସନରେ ୧୪ ଜଣ ବାଂଲାଦେଶୀ ନାଗରିକ ଏବଂ ଦୁଇ ଜଣ ଭାରତୀୟ ଗୁପ୍ତଚରଙ୍କୁ ବିଏସଏଫ ଦ୍ୱାରା ଧରାପଡ଼ିଛନ୍ତି ।ଅଧିକାରୀମାନେ କହିଛନ୍ତି ଯେ ସୀମାନ୍ତ ଗାର୍ଡ ବାଂଲାଦେଶ (ବିଜିବି) ସହିତ ସମ୍ପୂର୍ଣ୍ଣ ସହଯୋଗ ରକ୍ଷା କରି ବିଏସଏଫ ଭାରତ-ବାଂଲାଦେଶ ସୀମାରେ ପ୍ରାୟ ୮୦ ଟି ସମନ୍ୱିତ ପାଟ୍ରୋଲିଂ ଅପରେସନ୍ କରିଥିଲା । ଏହା ସହିତ, ବିଏସଏଫ ତ୍ରିପୁରା ସହିତ ୮୫୬ କିଲୋମିଟର ଅନ୍ତର୍ଜାତୀୟ ସୀମା ସହିତ ବିଭିନ୍ନ ସ୍ତରରେ ଅନେକ ସୀମା ସମନ୍ୱୟ ବୈଠକ କରିଥିଲା । ସେ କହିଛନ୍ତି ଯେ ସହଯୋଗୀ ଏଜେନ୍ସି ସହିତ ବିଭିନ୍ନ ମିଳିତ ଅପରେସନରେ ବିଏସଏଫ ସୈନ୍ୟମାନେ ଦୁର୍ଗମ ଅଞ୍ଚଳରେ ଗଞ୍ଜେଇ ଚାଷକୁ ନଷ୍ଟ କରିବା ପାଇଁ ବ୍ୟାପକ ଅପରେସନ୍ କରିଥିଲେ । ସେହି ସମୟ ମଧ୍ୟରେ ପ୍ରାୟ ୬୦ ଏକର ଜମିରେ ୧ ଲକ୍ଷ ଟଙ୍କା ମୂଲ୍ୟର ଗଞ୍ଜେଇ ବେଆଇନ ଚାଷ ନଷ୍ଟ ହୋଇଯାଇଥିଲା । ସେ କହିଛନ୍ତି ଯେ ବିଏସଏଫ କେବଳ ଅନ୍ତର୍ଜାତୀୟ ସୀମାରେ ସଜାଗ ରହିବା ପାଇଁ ପ୍ରତିଶ୍ରୁତିବଦ୍ଧ ନୁହେଁ ବରଂ ନିଶା ମୁକ୍ତ ସମାଜର ଲକ୍ଷ୍ୟରେ ସହଯୋଗ କରିବାକୁ ମଧ୍ୟ ପ୍ରତିଶ୍ରୁତିବଦ୍ଧ ।

## ଗ୍ଲୋବାଲ ଫାୟାର ପାୱାର ଇଣ୍ଡେକ୍ସ

# ସୈନ୍ୟଶକ୍ତିରେ ଭାରତ ଚତୁର୍ଥ, ଶୀର୍ଷ ସ୍ଥାନରେ ଆମେରିକା, ରୁଷ ଓ ଚୀନ୍

**ନୂଆଦିଲ୍ଲୀ,୩।୨(ଏଜେନ୍ସି):** ବିଶ୍ୱର ବିଭିନ୍ନ ଦେଶର ସୈନ୍ୟଶକ୍ତିକୁ ଆଧାର କରି ର୍ୟାଙ୍କିଙ୍ଗ୍ ସ୍ଥିର କରୁଥିବା ସଂସ୍ଥା ଗ୍ଲୋବାଲ ଫାୟାର ପାୱାର ପକ୍ଷରୁ ୨୦୨୫ ବର୍ଷର ନୂଆ ତାଲିକା ଜାରି କରାଯାଇଛି । ସେହି ତାଲିକାରେ ଭାରତ ଚତୁର୍ଥ ସ୍ଥାନରେ ରହିଛି ।ଅର୍ଥାତ ସମଗ୍ର ବିଶ୍ୱରେ ସୈନ୍ୟଶକ୍ତିରେ ଭାରତ ଚତୁର୍ଥ ସ୍ଥାନରେ ଅଛି ।ଅନ୍ୟପକ୍ଷରେ ପାକିସ୍ତାନର ସ୍ଥିତି ପୂର୍ବାପେକ୍ଷା ଆହୁରି ତଳକୁ ଖସିଯାଇଛି । ଗତବର୍ଷ ଏହା ୯ମ ସ୍ଥାନରେ ଥିଲା ବେଳେ ଏଥର ୧୨ତମ ସ୍ଥାନକୁ ଖସିଛି ।ତାଲିକା ଅନୁସାରେ ପ୍ରଥମରେ ଆମେରିକା, ଦ୍ୱିତୀୟରେ ରୁଷ ଏବଂ ତୃତୀୟ ସ୍ଥାନରେ ଚୀନ୍ ରହିଥିବା ଜଣାପଡିଛି । ପ୍ରାୟ ୬୦ରୁ ଅଧିକ ସାମରିକ ମାନଦଣ୍ଡକୁ ଆଧାର କରି ଗ୍ଲୋବାଲ ଫାୟାର ପାୱାର ଇଣ୍ଡେକ୍ସ ପ୍ରସ୍ତୁତ କରାଯାଇଛି । ସେଥିରେ ପ୍ରତିରକ୍ଷା ଜ୍ଞାନକୌଶଳ, ଆର୍ଥିକ ଶକ୍ତି (ପ୍ରତିରକ୍ଷା ବଜେଟ ଓ ଆର୍ଥିକ ସଂସାଧନ), ଲଜିଷ୍ଟିକ କ୍ଷମତା (ଇନ୍ଧନ ଯୋଗାଣ, ଭଣ୍ଡାରଣ ଓ ପରିବହନ), ଭୌଗୋଳିକ ସ୍ଥିତି, ସୈନ୍ୟ ୟୁନିଟ୍ (ଟ୍ୟାଙ୍କ, ବିମାନ, ଯୁଦ୍ଧପୋତ, ମିସାଇଲ ପ୍ରଣାଳୀ) ଓ ରଣନୀତିକ ଦକ୍ଷତା ଭଳି ମାନଦଣ୍ଡ ରହିଛି ।

ଶ୍ରେଷ୍ଠ ୧୦ରେ ସ୍ଥାନ ପାଇଥିବା ଅନ୍ୟ ଦେଶମାନଙ୍କ ମଧ୍ୟରେ ଅଛନ୍ତି ଦକ୍ଷିଣ କୋରିଆ, ବ୍ରିଟେନ, ଫ୍ରାନ୍ସ, ଜାପାନ, ତୁର୍କୀ ଓ ଇଟାଲୀ । ପ୍ରତିରକ୍ଷା ଉତ୍ପାଦନରେ ଆତ୍ମନିର୍ଭର, ଜଳ-ସ୍ଥଳ-ଆକାଶରେ ସାମରିକ ଶକ୍ତି ବୃଦ୍ଧି ଯୋଗୁ ଭାରତର ସ୍ଥିତିରେ ଉନ୍ନତି ଘଟିଛି । ଅନ୍ୟପକ୍ଷରେ ପାକିସ୍ତାନର ଦୁର୍ବଳ ସାମରିକ ସ୍ଥିତି ଓ ପ୍ରତିରକ୍ଷା କ୍ଷେତ୍ରରେ ଆଧୁନିକୀକରଣ ପାଇଁ ରହିଥିବା ଚାଲେଞ୍ଜର ମୁକାବିଲା କରିବାରେ ବିଫଳ ହୋଇଥିବାରୁ ଏହା ତଳକୁ ଖସିଯାଇଛି । ତାଲିକାର ସବୁଠାରୁ ନିମ୍ନ ୧୪୫ ତମ ସ୍ଥାନରେ ରହିଛି ଭୁଟାନ । ଭାରତୀୟ ସାମରିକ ଶକ୍ତି ବୃଦ୍ଧିର ସବୁଠାରୁ ବଡ ଘଟଣା ହେଉଛି ୩ ବାହିନୀର ଆଧୁନିକୀକରଣ । ସେନାରେ ୧୪ ଲକ୍ଷ ୫୦ ହଜାରରୁ ଅଧିକ ସକ୍ରିୟ ଯବାନ ରହିଥିଲା ବେଳେ ୧୧ ଲକ୍ଷ ୫୦ ହଜାର ସଂରକ୍ଷିତ ସୈନ୍ୟ ଏବଂ ୨୫ ଲକ୍ଷରୁ ଅଧିକ ଅର୍ଦ୍ଧସାମରିକ ବାହିନୀର ଯବାନ ହେଉଛନ୍ତି ଭାରତୀୟ ସାମରିକ ଶକ୍ତିର ସମ୍ବଳ । ସୈନ୍ୟଶକ୍ତିକୁ ଆହୁରି ସୁଦୃଢ କରିଛି ଟି-୯୦ ଭିସ୍ମ ଓ ଅର୍ଜୁନ ଟ୍ୟାଙ୍କ, ବ୍ରହ୍ମୋସ ମିସାଇଲ ଏବଂ ପିନାକ ରକେଟ ସିଷ୍ଟମ । ଭାରତୀୟ ବାୟୁସେନା ମଧ୍ୟ ଏହାର ଶକ୍ତି ବାଢ଼ାଇବାରେ ଲାଗିଛି । ବାୟୁସେନା ନିକଟରେ ଏବେ ୨୨୯୯ ବିମାନ ରହିଛି । ଯେଉଁଥିରେ ୬୦୦ ଫାଇଟର ଜେଟ୍, ୮୯୯ ହେଲିକପ୍ଟର ଓ ୮୩୧ ସମର୍ଥିତ ବିମାନ ରହିଛି । ରାଫେଲ, ସୁଖୋଇ ୩୦ ଏମ୍କେଆଇ ଓ ନେତ୍ର ସର୍ଭେଲାନ୍ସ ବିମାନ ବାୟୁସେନାର ଅନ୍ୟତମ ଶକ୍ତି । ରୁଦ୍ରମ, ଅସ୍ତ୍ର,ନିର୍ଭୟ ଓ ବ୍ରହ୍ମୋସ ସଂଶ୍ଳିଷ୍ଟ ବିମାନ ବାୟୁସେନାର ଶକ୍ତିକୁ ବାଢ଼ାଇଦେଇଛି । ସେହିଭଳି ଭାରତୀୟ ନୌସେନାର ଶକ୍ତି ମଧ୍ୟ ବଢାଇବାରେ ଲାଗିଛି । ବର୍ତ୍ତମାନ ନୌସେନାରେ ୧ ଲକ୍ଷ ୪୨ ହଜାରରୁ ଅଧିକ ସକ୍ରିୟ ନାବିକ ସାମିଲ ଅଛନ୍ତି । ଏଥିସହ ୧୫୦ରୁ ଅଧିକ ଯୁଦ୍ଧଜାହାଜ, ଜାହାଜ ଓ ବୁଡାଜାହାଜ ମଧ୍ୟ ରହିଛି । ଆଇଏନ୍ଏସ୍ ବିକ୍ରମାଦିତ୍ୟ, ଆଇଏନ୍ଏସ୍ ବିକ୍ରାନ୍ତ ଭଳି ବିମାନବାହୀ ଯୁଦ୍ଧ ଜାହାଜ ଏବଂ ଆଣବିକ ବୁଡାଜାହାଜ, ପି-୮ଆଇ ମେରିଟାଇମ୍ ରେକନାଇଜାନ୍ସ ବିମାନ, ଏମ୍ଏଚ୍-୬୦ଆର ହେଲିକପ୍ଟର ନୌସେନାର ଶକ୍ତି ବାଢ଼ାଇଛି । ବର୍ତ୍ତମାନ ୫୦ରୁ ଅଧିକ ଜାହାଜ, ବୁଡାଜାହାଜ ଓ ହେଲିକପ୍ଟର ନିର୍ମାଣ କରାଯାଉଛି । ଫଳରେ ଭାରତୀୟ ନୌସେନାର ଶକ୍ତି ଆଗାମୀ ଦିନରେ ଆହୁରି ବଢିବ ।

# ଅବୈଧ ପ୍ରବାସୀଙ୍କ ପାଇଁ 'ବିଦେଶୀ ଶତ୍ରୁ ଆକ୍ଟ' ଲାଗୁ କରିବେ ଟ୍ରମ୍ପ

**ନୂଆଦିଲ୍ଲୀ,୩।୨(ଏଜେନ୍ସି):** ଆମେରିକୀୟ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଅବୈଧ ପ୍ରବାସୀଙ୍କ କଟ୍ଟର ବିରୋଧୀ ଭାବେ ଜଣାଯାଏ । ଦ୍ୱିତୀୟ କାର୍ଯ୍ୟକାଳ ପାଇଁ ନିର୍ବାଚନ ପ୍ରଚାର ସମୟରେ ଟ୍ରମ୍ପ ଅବୈଧ ପ୍ରବାସକୁ ନେଇ ନିଜର ଉଦ୍ଦେଶ୍ୟ ସ୍ପଷ୍ଟ କରି ଦେଇଥିଲେ । ୨୦ ଜାନୁଆରୀରେ ଐତିହାସିକ ଶପଥ ନେବା ପରେ ଟ୍ରମ୍ପ ଡିପୋର୍ଟେସନକୁ ନେଇ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରି ଦେଇଛନ୍ତି । ସେ ଅନେକ ଲୋକଙ୍କୁ ଆମେରିକାରୁ ଡିପୋର୍ଟ କରି ଦେଇଛନ୍ତି। ଖାଲି ଏତିକି ନୁହେଁ , ଟ୍ରମ୍ପ ଅନେକ ଦେଶ ଅବୈଧ ପ୍ରବାସୀଙ୍କୁ ଫେରେଇ ନନେଲେ ଶୁଳ୍କ ଲଗେଇବାକୁ ମଧ୍ୟ ଧମକ ଦେଇଛନ୍ତି । ହିନ୍ଦୁସ୍ତାନ ଟାଇମ୍ସର ରିପୋର୍ଟ ମୁତାବିକ, ଟ୍ରମ୍ପ ଏଥିରେ ମଧ୍ୟ କିଛି ବଡ଼ କରିବାକୁ ଯାଉଛନ୍ତି । ଅବୈଧ ପ୍ରବାସୀଙ୍କ ଡିପୋର୍ଟେସନକୁ ନେଇ ଟ୍ରମ୍ପ ଆମେରିକୀୟ ଇତିହାସର ଏକ ପୁରୁଣା ଆଇନ୍ (ଏଲିୟନ ଏନିମି ଆକ୍ଟ ୧୭୯୮)କୁ ଦ୍ୱିତୀୟ ଥର ଲାଗୁ କରିବାର ଯୋଜନା କରୁଛନ୍ତି। ୧୭୯୮ରେ ଫ୍ରାନ୍ସ ସହ ଉତ୍ତେଜନାକୁ ଦେଖି ଆମେରିକୀୟ ସରକାର ବିଦେଶୀ ଶତ୍ରୁ ଅଧିନିୟମ ଆଣି ଥିଲେ । ଏହି ଅଧିନିୟମ ଅନୁସାରେ , ଆମେରକୀୟ ରାଷ୍ଟ୍ରପତିଙ୍କୁ ଏକ ପ୍ରମୁଖ ଅଧିକାର ଦିଆଯାଇ ଥିଲା ।

ଏହି ଅନୁସାରେ ଯଦି ରାଷ୍ଟ୍ରପତିଙ୍କୁ ଲାଗେ କି, ଆମେରିକାରେ ରହୁଥିବା କୌଣସି ବ୍ୟକ୍ତିଙ୍କର ନିଷ୍ଠା କୌଣସି ବିଦେଶୀ ଶକ୍ତି ସହ ରହିଛି, ଯିଏ ଯୁଦ୍ଧ ସମୟରେ ରାଷ୍ଟ୍ରୀୟ ସୁରକ୍ଷା ପାଇଁ ବିପଦ ସୃଷ୍ଟି କରି ପାରେ,ତ ଏମିତି ସ୍ଥିତିରେ ସେ ଏହି ବ୍ୟକ୍ତିଙ୍କୁ ହେପାଜତକୁ ନେଇ ନିର୍ବାସିତ କରି ପାରନ୍ତି । ଅଧିନିୟମରେ କୁହାଯାଇଛି ଯେ, ଯେବେ ବି କୌଣସି ଯୁଦ୍ଧ ଘୋଷିତ ହେବ ବା ପୁଣି କୌଣସି ବିଦେଶୀ ଶକ୍ତି ଆମେରିକା ଉପରେ କୌଣସି ବି ପ୍ରକାରର ଆକ୍ରମଣ କରି ଥିବ, ଆକ୍ରମଣର ଧମକ ଦେଇ ଥିବ ବା ପୁଣି କୌଣସି ପ୍ରକାରର କୌଣସି ପ୍ରୟାସ କରିଥିବ, ତେବେ ଏହି ଅଧିନିୟମକୁ ଲାଗୁ କରାଯାଇ ପାରେ । ଏହି ଅଧିନିୟମ ଅନୁସାରେ ,ଯଦି ଆମେରିକାର ରାଷ୍ଟ୍ରପତି ଏହାକୁ ଲାଗୁ କରିବାକୁ ଯାଆନ୍ତି ତ, ତାଙ୍କୁ ସାର୍ବଜନିକ ରୂପେ ଏହାର କାରଣ ଘୋଷଣା କରିବାର ଆବଶ୍ୟକତା ହେବ କି, କେଉଁ କାରଣରୁ ରାଷ୍ଟ୍ରପତି ଏହାକୁ ଲାଗୁ କରୁଛନ୍ତି । ରାଷ୍ଟ୍ରପତିଙ୍କ ଘୋଷଣା ପରେ ଏହି ଅଧିନିୟମ ଲାଗୁ ହୋଇଯାଏ ଏବଂ ଏହା ସେପର୍ଯ୍ୟନ୍ତ ଶେଷ ହେବ ନାହିଁ , ଯେବେ ରାଷ୍ଟ୍ରପତି ନିଜେ ଆସି ଏହାର ସମାପ୍ତିର ଘୋଷଣା କରିବେ ନାହିଁ ।

# ୧୦ ଶକ୍ତିଶାଳୀ ରାଷ୍ଟ୍ର ସୂଚୀରୁ ବାଦ୍ ପଡିଲା ଭାରତ

**ନୂଆଦିଲ୍ଲୀ,୩।୨(ଏଜେନ୍ସି):**ଭାରତକୁ ବଡ ଝଟକା, ଜାରି ହେଲା ଶକ୍ତିଶାଳୀ ରାଷ୍ଟ୍ରର ସୂଚି । ଶକ୍ତିଶାଳୀ ରାଷ୍ଟ୍ର ସୂଚୀରୁ ବାଦ୍ ପଡିଛି ଭାରତ । ଫୋର୍ବସ୍ ଭାରତ ଟପ୍ ଟେନ୍ ଶକ୍ତିଶାଳୀ ରାଷ୍ଟ୍ର ସୂଚୀରୁ ବାହର ହୋଇଛି ।ଫୋର୍ବସ୍ ୨୦୨୫ରେ ସବୁଠାରୁ ଶକ୍ତିଶାଳୀ ଦେଶର ତାଲିକା ପ୍ରକାଶ କରିଛି । ଫୋର୍ବସ୍ ୧୦ ଟି ଦେଶକୁ ଶକ୍ତିଶାଳୀ ଦେଶର ତାଲିକା ପ୍ରକାଶ କରିଛି । ଏହି ତାଲିକାରେ ଭାରତ ବାଦ୍ ପଡିଛି । ଏହି ତାଲିକା ଅନେକ ଗୁରୁତ୍ୱପୂର୍ଣ୍ଣ ମାପଦଣ୍ଡ ଉପରେ ଆଧାରିତ । ଭାରତ ଏଥିରୁ ବାଦ୍ ପଡିବାକୁ ନେଇ ଅନେକ ପ୍ରଶ୍ନ ସୃଷ୍ଟି ହେଇଛି । ଭାରତ ଏକ ବୃହତ ଜନସଂଖ୍ୟା, ଚତୁର୍ଥ ବୃହତ୍ତମ ସେନା ଏବଂ ପଞ୍ଚମ ବୃହତ୍ତମ ଅର୍ଥନୀତି ଥିବା ଦେଶ ହୋଇ କିପରି ଏହି ତାଲିକାରୁ ବାଦ୍ ପଡିଲା ବୋଲି ଅନେକ ମହଲରୁ ପ୍ରଶ୍ନ ଉଠିଛି । ଫୋର୍ବସ୍ କହିବା ଅନୁଯାୟୀ, ଏହି ସୂଚି ୟୁଏସ୍ ନ୍ୟୁଜ୍ ଦ୍ୱାରା ପ୍ରସ୍ତୁତ କରାଯାଇଛି ।

# ଯମୁନା ପାଣି ନେଇ କେଜ୍ରିୱାଲଙ୍କ ଘରେ ପହଞ୍ଚିଲେ ସ୍ୱାତି ମାଲିୱାଲ

**ନୂଆଦିଲ୍ଲୀ,୩।୨(ଏଜେନ୍ସି):** ଦିଲ୍ଲୀରେ ନିର୍ବାଚନୀ ପ୍ରଚାରର ଅନ୍ତିମ ଚରଣର ସରଗରମ ମଧ୍ୟରେ ରାଜ୍ୟସଭା ସାଂସଦ ସ୍ୱାତି ମାଲିୱାଲ ମଧ୍ୟ ଅରବିନ୍ଦ କେଜ୍ରିୱାଲ ଓ ଆମ୍ ଆଦମୀ ପାର୍ଟି ବିରୋଧରେ ଖୁବ୍ ହମଲା କରିଛନ୍ତି । ସ୍ୱାତି ମାଲିୱାଲ ପୂର୍ବାଞ୍ଚଳର ମହିଳାଙ୍କର ଏକ ଗ୍ରୁପ ସହ ସୋମବାର ଯମୁନା ନଦୀର ଜଳ ନେଇ ଆମ୍ ଆଦମୀ ପାର୍ଟିର ରାଷ୍ଟ୍ରୀୟ ସଂଯୋଜକ ଅରବିନ୍ଦ କେଜ୍ରିୱାଲଙ୍କ ଆବାସରେ ପହଞ୍ଚି ଥିଲେ । ଦିଲ୍ଲୀ ପୁଲିସ୍ ସୁରକ୍ଷା ଓ ଶାନ୍ତି ବଜାୟ ରଖିବାକୁ ସ୍ୱାତି ମାଲିୱାଲଙ୍କୁ ହେପାଜତକୁ ନେଇ ଯାଇଛି । ଦିଲ୍ଲୀ ପୁଲିସ ଦ୍ୱାରା ହେପାଜତକୁ ଯିବା ପୂର୍ବରୁ ସ୍ୱାତି ମାଲିୱାଲ କହିଥିଲେ କି , ଅରବିନ୍ଦ କେଜ୍ରିୱାଲ ଯମୁନା ନଦୀକୁ ନାଳରେ ବଦଳାଇ ଦେଇଛନ୍ତି । ଯମୁନାରେ କଳା ଦୁର୍ଗନ୍ଧ ପାଣି ବହୁଛି । ନଦୀ ଭେଣ୍ଟିଲେଟରରେ ରହିଛି ଏବଂ ଅରବିନ୍ଦ କେଜ୍ରିୱାଲ ନିଜର ମହଲରେ ଅଛି । କେଜ୍ରିୱାଲ ଐଶ୍ୱର୍ଯ୍ୟପୂର୍ଣ୍ଣ କାରରେ ବୁଲୁଛନ୍ତି। ଏବେ ପୂର୍ବାଞ୍ଚଳର ହଜାର ହଜାର ମହିଳା ତାଙ୍କୁ ଚ୍ୟାଲେଞ୍ଜ ଦେଇ ଆସିଛନ୍ତି । ମାଲିୱାଲ ଆହୁରି କହିଛନ୍ତି, ଅରବିନ୍ଦ କେଜ୍ରିୱାଲଙ୍କୁ ମଧ୍ୟ ମହିଳାଙ୍କୁ ଏତେ ଡ଼ରିବା



ଉଚିତ ନୁହେଁ ଏବଂ ବାହାରକୁ ଆସି ଯମୁନାର ମଇଳା ପାଣିରେ ବୁଡ଼ ଦେବା ଉଚିତ । ଅରବିନ୍ଦ କେଜ୍ରିୱାଲଙ୍କୁ ଯମୁନା ପାଣିର ଏକ ଢୋକେ ପିଇବା ଉଚିତ୍ । ପୂର୍ବାଞ୍ଚଳର ମହିଳାମାନେ କହୁଛନ୍ତି କି, ଅରବିନ୍ଦ କେଜ୍ରିୱାଲଙ୍କୁ ଛଠ୍ ମୈୟାଙ୍କ ଅଭିଶାପ ଲାଗିବ , କାରଣ ମହିଳାଙ୍କ ପାଖରେ ଛଠ୍ ପାଳିବା ପାଇଁ ଆଉ କୌଣସି ସ୍ଥାନ ନାହିଁ।ଏହି ଘଟଣାକ୍ରମ ଏମିତି ସମୟରେ ସାମନାକୁ ଆସିଛି, ଯେତେବେଳେ ଦିଲ୍ଲୀର ନିର୍ବାଚନ ପ୍ରଚାରର କିଛି ହିଁ ଘଣ୍ଟାରେ ଥମିବାକୁ ଯାଉଛି । ସେଠାରେ ଦିଲ୍ଲୀରେ ଯମୁନାର ପାଣିରେ ପଲ୍ୟୁସନକୁ ନେଇ ରାଜନୀତି ସରଗରମ୍ । ନିକଟରେ ଅରବିନ୍ଦ କେଜ୍ରିୱାଲ ହରିଆଣା ସରକାର ଉପରେ ଯମୁନାର ପାଣିରେ ବିଷ ଛାଡ଼ିବାର ଅଭିଯୋଗ ଲଗେଇ ଥିଲେ । ହେଲେ ଦିଲ୍ଲୀ ଜଳ ବୋର୍ଡ ଏହି ଅଭିଯୋଗକୁ ଭୁଲ୍ ଦର୍ଶାଇ ଥିଲା । ଖାଲି ଏତିକି ନୁହେଁ ବିଜେପି ନିର୍ବାଚନ ଆୟୋଗରେ ଏହି ବିଷୟରେ କେଜ୍ରିୱାଲଙ୍କ ବିରୋଧରେ ଅଭିଯୋଗ ମଧ୍ୟ ରୁଜୁ କରାଇ ଥିଲେ । ଏହାପରେ ନିର୍ବାଚନ ଆୟୋଗ କେଜ୍ରିୱାଲଙ୍କୁ ଜବାବ ମଧ୍ୟ ମାଗି ଥିଲେ ।

# କଂଗ୍ରେସରେ ଯୋଗ ଦେଇପାରନ୍ତି ସଞ୍ଜୟ ରାଉତ: ନିତେଶ ରାଣେ

**ନୂଆଦିଲ୍ଲୀ,୩।୨(ଏଜେନ୍ସି):** ମହାରାଷ୍ଟ୍ରର ମନ୍ତ୍ରୀ ଏବଂ ବିଜେପି ବିଧାୟକ ନିତେଶ ରାଣେ ଆଜି ଦାବି କରିଛନ୍ତି ଯେ ଶିବସେନା-ୟୁବିଟି ସାଂସଦ ସଞ୍ଜୟ ରାଉତ ଦିଲ୍ଲୀରେ କଂଗ୍ରେସ ନେତାମାନଙ୍କ ସହ ବୈଠକ କରୁଛନ୍ତି । ସେ କଂଗ୍ରେସରେ ଯୋଗଦେବା ପାଇଁ ତାଙ୍କୁ ଭେଟିଛନ୍ତି । ନିତେଶ ରାଣେ କହିଛନ୍ତି ଯେ ସଞ୍ଜୟ ରାଉତଙ୍କ ରାଜ୍ୟସଭା କାର୍ଯ୍ୟକାଳ ଶେଷ ହେବାକୁ ଯାଉଛି ଏବଂ ଉଦ୍ଧବ ଠାକରେଙ୍କ ନେତୃତ୍ୱାଧୀନ ଦଳ ପାଖରେ ତାଙ୍କ ବିଜୟ ସୁନିଶ୍ଚିତ କରିବା ପାଇଁ ପର୍ଯ୍ୟାପ୍ତ ବିଧାୟକ ନାହାନ୍ତି । ନଭେମ୍ବରରେ ହୋଇଥିବା ନିର୍ବାଚନରେ ଶିବସେନା-ୟୁବିଟି ୨୮୮ ସଦସ୍ୟ ବିଶିଷ୍ଟ ବିଧାନସଭାରୁ ମାତ୍ର ୨୦ଟି ଆସନ ଜିତିଥିଲା । ନିତେଶ ରାଣେ କହିଛନ୍ତି ଯେ ସଞ୍ଜୟ ରାଉତ ଶିବସେନା-ୟୁବିଟି ମୁଖପତ୍ର ସାମ୍ନାରେ ଲେଖିବା ଉଚିତ ଯେ ସେ କେତେ ଦିନ ଦଳରେ ରହିବେ । ସେ କହିବା ଉଚିତ ଯେ କଂଗ୍ରେସରେ ଯୋଗଦେବା ପାଇଁ ସେ ଦିଲ୍ଲୀରେ କେଉଁ ନେତାଙ୍କ ସହ କଥା ହେଉଛନ୍ତି । ଗଣମାଧ୍ୟମ ସହିତ କଥାବାର୍ତ୍ତା ସମୟରେ ନିତେଶ ରାଣେ କହିଛନ୍ତି ଯେ ସଞ୍ଜୟ ରାଉତ ଏ ସମ୍ପର୍କରେ ଏକ ବିବୃତ୍ତି ଜାରି କରିବା ଉଚିତ । ତଥାପି, ଯେତେବେଳେ ସାମ୍ବାଦିକମାନେ ଏ ସମ୍ପର୍କରେ ସଞ୍ଜୟ ରାଉତଙ୍କୁ ପ୍ରଶ୍ନ ପଚାରିବାକୁ ଚେଷ୍ଟା କରିଥିଲେ, ତାଙ୍କଠାରୁ କୌଣସି ଉତ୍ତର ମିଳିନଥିଲା । ନିତେଶ ରାଣେଙ୍କ ବୟାନ ଏପରି ଏକ ସମୟରେ ଆସିଛି ଯେତେବେଳେ ସଞ୍ଜୟ ରାଉତ ଦାବି କରିଥିଲେ ଯେ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନବୀସ ଏବଂ ଉପମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେଙ୍କ ମଧ୍ୟରେ ଅସନ୍ତୋଷ ରାଜ୍ୟର ଶାସନକୁ ପ୍ରଭାବିତ କରୁଛ । ରବିବାର ଦିନ 'ସାମନା'ରେ ପ୍ରକାଶିତ ତାଙ୍କ ସାପ୍ତାହିକ ସ୍ତମ୍ଭରେ, ସଞ୍ଜୟ ରାଉତ ଦେବେନ୍ଦ୍ର ଫଡନବୀସ ଏବଂ ଏକନାଥ ସିନ୍ଦେଙ୍କ ମଧ୍ୟରେ କିଛି ଠିକ ଚାଲିନଥିବା ଦାବି କରିଥିଲେ ଏବଂ କହିଥିଲେ ଯେ ଏହା ରାଜ୍ୟର ପ୍ରଗତିରେ ବାଧା ସୃଷ୍ଟି କରୁଛି ।



# '୧୧ ବର୍ଷ କିଛି କରିନି ଆପ୍, ଆମକୁ ୫ ବର୍ଷ ଦିଅ'

**ନୂଆଦିଲ୍ଲୀ,୩।୨(ଏଜେନ୍ସି):** ସରଗରମ ହେଲାଣି ଦିଲ୍ଲୀ ରାଜନୀତି । ନିର୍ବାଚନ ହେବାକୁ ଆଉ ମାତ୍ର ୨ ଦିନ ବାକି ଥିବା ବେଳେ ବିରୋଧୀ-ଶାସକ ମୁହାଁମୁହିଁ ହୋଇଛନ୍ତି । ଲଗାତାର ତୃତୀୟ ଥର କ୍ଷମତାକୁ ଫେରିବାକୁ ଚାହିଁ ବସିଥିବା ଆପ୍ ରାସ୍ତାରେ କଣ୍ଟା ସାଜିଛନ୍ତି ମୋଦି । କାରଣ ନିଜ ନିର୍ବାଚନ ପ୍ରଚାର ସମୟରେ କେଜ୍ରିୱାଲ କହିଥିଲେ, ମୋଦି ସରକାର ଆସିଲେ ସବୁ ବସ୍ତି ଭାଙ୍ଗିଦେଲେ, ଲୋକଙ୍କୁ ହଇରାଣ କରିବେ । ମାଗଣା ଗାଡ଼ିଠୁ ଆରମ୍ଭ କରି ବିଜୁଳି, ପାଣି ସବୁ ବନ୍ଦ କରିଦେବେ। ଦିଲ୍ଲୀବାସୀଙ୍କ ଉପରେ ବୋଝ ବଢ଼ିଯିବ । ଏମିତି କହି ଟାର୍ଗେଟ୍ କରିଥିଲେ କେଜ୍ରିୱାଲ । ହେଲେ ଏହାର କଡ଼ା ଜବାବ ରଖିଛନ୍ତି ମୋଦି । କହିଛନ୍ତି, ଆମେ ପ୍ରତିଶ୍ରୁତି ଦେଉଛୁ ନିର୍ବାଚନ ଜିତିବା ପରେ ବି ଆମେ ଗୋଟିଏ ହେଲେ ଘର ଭାଙ୍ଗିବୁ ନାହିଁ। ଦିଲ୍ଲୀର ବିକାଶ ଆମର ଫୋକସ୍ । ଦିଲ୍ଲୀ ଜଙ୍ଗ ଜିତିବାକୁ ଏବେ ସବୁ ରାଜନୈତିକ ଦଳ ଜୋରଦାର ପ୍ରଚାର କରୁଛନ୍ତି । ଗ୍ରାଉଣ୍ଡରେ ବିଜେପି, କଂଗ୍ରେସ ଓ ଆପ୍ ବିଭିନ୍ନ ଘୋଷଣା ମଧ୍ୟ କରୁଛନ୍ତି । ପରସ୍ପର ପରସ୍ପରଙ୍କୁ ଟାର୍ଗେଟ୍ ବି କରିଛନ୍ତି । ହେଲେ ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ କହିଥିଲେ, ମୋଦି ଦେଶର ବିକାଶ କରିବାକୁ କେବେ ଚାହାଁନ୍ତି ନାହିଁ। ବିଜେପି ସରକାରକୁ ଆସିଲେ ଦେଶର ବିକାଶ ହେବନି କି ଦିଲ୍ଲୀର ବିକାଶ ହେବନି । ବୋଝ ବଢ଼ିଯିବ ଦିଲ୍ଲୀବାସୀଙ୍କ ଉପରେ । ହେଲେ



ମୋଦି ଏହାର କଡ଼ା ଟିପ୍ପଣୀ ଦେବା ସହିତ କହିଛନ୍ତି, ଦିଲ୍ଲୀବାସୀଙ୍କୁ କିଛି ଲୋକ ଭ୍ରମିତ କରିବା ଲାଗି କାମ କରନ୍ତି । ଆମେ ପ୍ରତି ଜନତାଙ୍କ ବିକାଶ କରିବା ଲାଗି ସଂକଳ୍ପବଦ୍ଧ । ଦେଶର ରାଜଧାନୀ ଦିଲ୍ଲୀ । ପ୍ରତି ରାଜନୈତିକ ଦଳର ଫୋକସ୍ରେ ଥାଏ ଦିଲ୍ଲୀ ରାଜନୀତି । ୧୦ ବର୍ଷ ହେଲାଣି ଦିଲ୍ଲୀରେ ଆପ୍ ସରକାର ରହିଛି । ତେଣୁ ତୃତୀୟ ଥର ଲାଗି ସରକାରକୁ ଫେରିବାକୁ ଆପ୍ କସରତ ବି କରିଛି । ହେଲେ ମଦ ଦୁର୍ନୀତିଠୁ ଆରମ୍ଭ କରି ସ୍ୱାସ୍ଥ୍ୟ ଦୁର୍ନୀତିରେ ଏମିତି ଛନ୍ଦି ହୋଇଛନ୍ତି ଯେ କେଜ୍ରିୱାଲ ଲୋକମାନେ ତାଙ୍କୁ ବିଶ୍ୱାସ କରିବା କଷ୍ଟକର ହୋଇ ପଡୁଛି । ଏମିତି ସ୍ଥିତିରେ ସେ ମୋଦିଙ୍କୁ ଟାର୍ଗେଟ୍ କରିବା ଲାଗି ଚେଷ୍ଟା କରୁଥିବା ବେଳେ ନିଜେ ବିଜେପିର ଟାର୍ଗେଟ୍ ହୋଇଯାଇଛନ୍ତି । ନିର୍ବାଚନ ରାଲିଲେ ଯୋଗ ଦେଇ ମୋଦି କହିଛନ୍ତି, ଆମେ ଏକ ଭାରତ ଶ୍ରେଷ୍ଠ ଭାରତ ଉପରେ ବିଶ୍ୱାସ କରୁ । ଦିଲ୍ଲୀ ଏମିତି ଏକ ରାଜ୍ୟ ଯେଉଁଠାରେ ଦେଶର ପ୍ରତି ରାଜ୍ୟର ଲୋକ ରୁହନ୍ତି । ତେଣୁ ଏଠାରେ ବିକାଶ ହେବା ନିହାତି ଦରକାର । ଆପଣମାନେ ଚାହିଁଲେ ମୋର କ୍ଷମତା ବଢାଇବେ, ବିଜେପି ପ୍ରାର୍ଥୀଙ୍କୁ ଭୋଟ୍ ଦେବେ । ନିର୍ବାଚନ ରାଲିରେ ଯୋଗ ଦେଇ ମୋଦି କହିଛନ୍ତି, ମତେ ଭଲରେ ଜଣାଅଛି କି ଏଥର ଆପଣମାନେ ମନସ୍ଥ କରିଛନ୍ତି ବିଜେପିକୁ ଜିତାଇବେ । କାରଣ ଏଇଠି ଯେଉଁ ସରକାର ଅଛି ସେମାନେ ୧୧ ବର୍ଷ ହେଲାଣି କିଛି କରିନାହାନ୍ତି । ଯଦି ଜନତାଙ୍କ ଲାଗି କାମ କରିଥାଆନ୍ତେ ତାହାଲେ ଆଜି ଦିଲ୍ଲୀ ବହୁ ଆଗକୁ ଯାଇସାରିଥାଆନ୍ତା । ହେଲେ ମୁଁ ଗ୍ୟାରେଣ୍ଟି ଦେଉଛି, ପ୍ରତିଟି ବ୍ୟକ୍ତିଙ୍କ ଅସୁବିଧା ସମାଧାନ କରିବି । ବିକାଶ ଲାଗି ଆମ ଦଳ କାମ କରୁଛି, କାମ କରିବ ମଧ୍ୟ । ଡବଲ ଇଞ୍ଜିନ ସରକାର ଆସିଲେ ବିକାଶ ବି ଡବଲ ହେବ ବୋଲି ମୋଦି କହିଛନ୍ତି । ଆଉ ଉପସ୍ଥିତ ଥିବା ଜନତା ବି ମୋଦି ମୋଦି ନାରାରେ କମ୍ପାଇଥିଲେ । ଏସବୁ ଚିତ୍ରରୁ ଗୋଟିଏ କଥା ସ୍ପଷ୍ଟ ହେଉଥିଲା ସତେ ଯେମିତି ଏଥର ଦିଲ୍ଲୀରେ ବିଜେପି ସରକାର ଆସିବ । ତେବେ ଚିତ୍ର ୮ ତାରିଖରେ ସ୍ପଷ୍ଟ ହେବ ।

# ଆକ୍ସନ ମୋଡରେ ଟ୍ରମ୍ପ

**ନୂଆଦିଲ୍ଲୀ,୩।୨(ଏଜେନ୍ସି):** ଆଜିଠୁ ଚୀନ, କାନାଡ଼ା ଓ ମେକ୍ସିକୋ ଉପରେ ଟାରିଫ ଲଗାଇଲା ଆମେରିକା । ଏନେଇ ହ୍ୱାଇଟହାଉସ ପକ୍ଷରୁ ଔପଚାରିକ ଘୋଷଣା କରାଯାଇଛି । ନୂଆ କଟକଣା ଅନୁସାରେ ଚୀନ ଉପରେ ୧୦%, ମେକ୍ସିକୋ ଓ କାନାଡା ଉପରେ ୨୫% ଲଗାଯାଇଛି । ଆମେରିକା ରାଷ୍ଟ୍ରପତି ହେବା ପରେ ଟାରିଫ ଲଗାଯିବା ନେଇ ଘୋଷଣା କରି



ତିନୋଟି ଦେଶକୁ ଝଟକା ଦେଇଲେ ଟ୍ରମ୍ପ । ଶପଥ ନେବା ସମୟରେ ଟ୍ରମ୍ପ କହିଥିଲେ ଚୀନ, କାନାଡ଼ା,ମେକ୍ସିକୋରୁ ବହୁଳ ମାତ୍ରାରେ ମାଦକଦ୍ରବ ଆମେରିକାକୁ ଆସୁଛି ଓ ଏହା ଯୋଗୁଁ ହଜାର ସଂଖ୍ୟକ ଲୋକଙ୍କ ଜୀବନ ଯାଉଛି । ଏମାନଙ୍କ ସହ ଆମେରିକାର ବାଣିଜ୍ୟକ ସମ୍ପର୍କରେ ବିଶେଷ କିଛି ଫାଇଦା ହେଉନି ତେଣୁ ଟାରିଫ ଲଗାଇବାକୁ ପଡୁଛି ।

# ଆଗକୁ ପ୍ରକୃତିର କରାଳ ରୂପ ଦେଖିବ ସାରା ବିଶ୍ୱ

**ନୂଆଦିଲ୍ଲୀ,୩।୨(ଏଜେନ୍ସି):** ଉତ୍ତରପ୍ରଦେଶର ପ୍ରୟାଗରାଜ, ଗଙ୍ଗା, ଯମୁନା ଓ ସରସ୍ୱତୀ ନଦୀର ତ୍ରିବେଣୀ ସଙ୍ଗମ କୂଳରେ ଚାଲିଆସୁଛି ବିଶ୍ୱର ସର୍ବବୃହତ ଧାର୍ମିକ ମେଳା ମହାକୁମ୍ଭ ମେଳା । ସଙ୍ଗମ ସ୍ଥଳରେ ବୁଡ଼ ପକାଇବା ପ୍ରୟାଗରାଜକୁ କୋଟି କୋଟି ଶ୍ରଦ୍ଧାଳୁ ଧାଇଁ ଆସୁଛନ୍ତ । ଏହି ଧାର୍ମିକ କାର୍ଯ୍ୟକ୍ରମରେ ଅନେକ ସାଧୁସନ୍ଥ, ନାଗା ସାଧୁ ଓ ଅଘୋରୀ ସାମିଲ ହୋଇଛନ୍ତି । ଅନେକ ବାବାଙ୍କ ଦର୍ଶନ କରିବା ସହିତ ଆର୍ଶିବାଦ ମଧ୍ୟ ନେଉଛନ୍ତି । ପ୍ରୟାଗରାଜକୁ ଆସୁଥିବା ଅନେକ ବାବା ଭବିଷ୍ୟବାଣୀ ମଧ୍ୟ କରୁଛନ୍ତି । ତେବେ କୁମ୍ଭମେଳାରେ ଅଘୋରୀ କାଳପୁରୁଷଙ୍କ ଭବିଷ୍ୟବାଣୀକୁ ନେଇ ଚାରିଆଡ଼େ ଚର୍ଚ୍ଚା ଲାଗି ରହିଛି ।ଏହି କୁମ୍ଭମେଳାରେ ପହଞ୍ଚିଛନ୍ତି ୯୫ ବର୍ଷୀୟ ଅଘୋରୀ ବାବା କାଳପୁରୁଷ । ବାବା କାଳପୁରୁଷ କରିଥିବା ଭବିଷ୍ୟବାଣୀ ସମସ୍ତଙ୍କୁ ଚକିତ କରିଛି । ତାଙ୍କ ଭବିଷ୍ୟବାଣୀ ସତ ହେଲେ ପ୍ରକୃତିର କରାଳ ରୂପର ସାମନା କରିବ ମଣିଷ । ମହାପ୍ରଳୟ ଘୋଟିଆସିବ । ଅଦ୍ଭୁତ ତାଙ୍କ ବେଶ । ମୁହଁରେ ନାଲି ରଙ୍ଗ, ଦେହରେ ପାଉଁଶ ଆଉ ହାତରେ ଧରିଛନ୍ତି ମଣିଷ ଖପୁରୀ । ସେ ହେଉଛନ୍ତି ଅଘୋରୀ ବାବା କାଳପୁରୁଷ । ଯାହାଙ୍କ ଭବିଷ୍ୟବାଣୀରେ ସମସ୍ତେ ଥରିଉଠୁଛନ୍ତି । କୁହାଯାଏ ଯେ, ସେ ହିମାଳୟ ଶିଖରରେ ବର୍ଷ ବର୍ଷ ଧରି ତପସ୍ୟା କରିଥିଲେ । ବର୍ତ୍ତମାନ ମହାକୁମ୍ଭରେ ପହଞ୍ଚିଥିବା ଏହି ବାବାଙ୍କ ଭବିଷ୍ୟବାଣୀ ଶୁଣି ଲୋକଙ୍କ ମଧ୍ୟରେ ଭୟ ସୃଷ୍ଟି ହୋଇଛି । ତେବେ ଏହି ବାବା କାଳ ପୁରୁଷ କିଏ ଓ ସେ କେଉଁ ଭବିଷ୍ୟବାଣୀ କରିଛନ୍ତି ଆସନ୍ତୁ ଜାଣିବା । ଏହି ବାବା ପ୍ରତି ୧୨ ବର୍ଷରେ ଆୟୋଜିତ ସାତଟି ମହାକୁମ୍ଭରେ ଅଂଶଗ୍ରହଣ କରିଛନ୍ତି । ବାବା କାଳପୁରୁଷ କହିଛନ୍ତି ଯେ, ସେ ସାତଟି ମହାକୁମ୍ଭରେ ଭାଗ ନେଇସାରିଛନ୍ତି । ଚଳିତ ମହାକୁମ୍ଭରେ ସେ ବିଭିନ୍ନ ସଙ୍କେତ ଅନୁଭବ କରୁଛନ୍ତି । ଅଘୋରୀ ବାବା କାଳ ପୁରୁଷ କହିଛନ୍ତି ଯେ, ମୃତଦେହ ଦାହ ସମୟରେ କାଉମାନଙ୍କ କର୍କଶ ଶବ୍ଦ ଶୁଭୁଛି । ଶ୍ମଶାନଗୁଡ଼ିକରେ ଶବମାନେ ଅଶାନ୍ତ ହୋଇପଡୁଥିବା ଅନୁଭବ ହେଉଛି । ବାବାଙ୍କ ଭବିଷ୍ୟବାଣୀ ଅନୁଯାୟୀ, ପୃଥିବୀରେ ଆଗକୁ ଅନେକ ପରିବର୍ତ୍ତନ ହେବାକୁ ଯାଉଛି । ଆଗାମୀ ଦିନରେ ପବନ ରଙ୍ଗ କଳା ହୋଇଯିବ । ଏସବୁର ଆରମ୍ଭ ହୋଇସାରିଛି । ଆଗକୁ ଏହା ଆହୁରି ଭୟଙ୍କର ରୂପ ନେବ ବୋଲି କହିଛନ୍ତି କାଳପୁରୁଷ ବାବା । ଧଳା ସ୍ୱଚ୍ଛ ଆକାଶ କଳା କିଟ୍ କିଟ୍ ପଡ଼ିଯିବ ନିଜର ଗତି ବଦଳାଇବ ସଙ୍ଗମ ନଦୀସ୍ଥଳ । ସମୟ ପରିବର୍ତ୍ତନ ହେବା ସହ ଆଗାମୀ ପିଢ଼ି ପ୍ରୟାଗରାଜ ବଦଳରେ ଏକ ନୂତନ ସ୍ଥାନରେ ବୁଡ଼ ପକାଇବେ । ଏହି କାରଣରୁ, କୁହାଯାଉଛି ଯେ ପରବର୍ତ୍ତୀ କୁମ୍ଭ ମେଳା ଏପରି ଭାବରେ ସଂଗଠିତ ହେବ ଯାହାର କେହି ଅନୁମାନ ମଧ୍ୟ କରିନଥିବେ । ଆଗକୁ ବନ୍ୟା ଆଣିବ ଗଙ୍ଗା ମାତାଙ୍କ ଅଶ୍ରୁ । ମୈଦାନ ଗଙ୍ଗା ମା'ଙ୍କ ଅଶ୍ରୁରେ ପୂରିଯିବ । ଆଗାମୀ ୪ ବର୍ଷରେ ସାରା ବିଶ୍ୱ ଏଭଳି ଭୟଙ୍କର ବିପଦର ସାମନା କରିବ ବୋଲି ବାବ ଦାବି କରିଛନ୍ତି । କ'ଣ ବାସ୍ତବରେ ବାବାଙ୍କ ଭବିଷ୍ୟବାଣୀ ସତ ହେବ ? କ'ଣ ସତରେ ଆଗକୁ ଏଭଳି ଭୟଙ୍କର ପରିସ୍ଥିତିର ସାମନା କରିବ ମଣିଷ ?

# ଟ୍ରମ୍ପଙ୍କୁ ଟ୍ରୁଡୋଙ୍କ ଝଟ୍କା

**ନୂଆଦିଲ୍ଲୀ,୩।୨(ଏଜେନ୍ସି):** ଆମେରିକା ଓ କାନାଡା ମଧ୍ୟରେ ବଡ଼ ଧରଣର ଟ୍ରେଡ ୱାର । ସମସ୍ତ ଧମକକୁ ଖାତିର ନ କରି ଆମେରିକୀୟ ସାମଗ୍ରୀ ଉପରେ ୨୫ ପ୍ରତିଶତ ଶୁଳ୍କ ଲାଗୁ କରିବାକୁ ଘୋଷଣା କରିଛନ୍ତି କାନାଡା ପ୍ରଧାନମନ୍ତ୍ରୀ ଜଷ୍ଟିନ । ଗତ ଜାନୁଆରୀ ୨୮ରେ କାନାଡାରୁ ଉତ୍ପାଦିତ ସମସ୍ତ ସାମଗ୍ରୀ ଉପରେ ୨୫ ଶତ କର ଲାଗୁ କରିବା ଲାଗି ଆମେରିକା ରାଷ୍ଟ୍ରପତି ଡୋନାଲଡ ଟ୍ରମ୍ପ ଘୋଷଣା କରିବା ପରେ ଜବାବ ଦେବାକୁ ଏହି ପଦକ୍ଷେପ ନେଇଛନ୍ତି ଟ୍ରୁଡୋ । କାନାଡାର ଏହି ନିଷ୍ପତ୍ତି ଫଳରେ ଆମେରିକୀୟ ସାମଗ୍ରୀ ଉପରେ ଲାଗୁ ହେବାକୁ ଯାଉଥିବା କର ପରିମାଣ ୧୫୫ ବିଲିୟନ ଆମେରିକୀୟ ଡଲାର ହେବ । ଟ୍ରୁଡୋ କହିଛନ୍ତି- କିଛି ବର୍ଷ ତଳେ ଆମେରିକା ଓ କାନାଡା ମଧ୍ୟରେ ହୋଇଥିବା ମୁକ୍ତ ବାଣିଜ୍ୟ ରାଜିନାମାକୁ ଟ୍ରମ୍ପଙ୍କ ନୂଆ ଘୋଷଣାନାମା ଉଲ୍ଲଂଘନ କରୁଛି । ଦୁଇ ପ୍ରମୁଖ ଦେଶ ମଧ୍ୟରେ ଆରମ୍ଭ ହୋଇଥିବା ବାଣିଜ୍ୟିକ ଯୁଦ୍ଧରେ ଅନ୍ୟାନ୍ୟ ରାଷ୍ଟ୍ର ବି କ୍ଷତି ସହିବାର ସମ୍ଭାବନା ରହିଛି । ଗତ ଫେବୃଆରୀ ୧ ତାରିଖରେ ଚୀନରୁ ଆମଦାନୀ ହେଉଥିବା ସାମଗ୍ରୀ ଉପରେ ୧୦ ପ୍ରତିଶତ କର ଏବଂ ମେକ୍ସିକୋରୁ ଆମଦାନୀ ହେଉଥିବା ସାମଗ୍ରୀ ଉପରେ ୨୫ ପ୍ରତିଶତ କର ଲାଗୁ କରିଥିଲେ ଟ୍ରମ୍ପ ।

# ତେଲେଙ୍ଗାନା କଂଗ୍ରେସରେ ଫାଟ

**ହାଇଦ୍ରାବାଦ,୩।୨(ଏଜେନ୍ସି):** ତେଲେଙ୍ଗାନାର ରେଭନ୍ତ ରେଡ୍ଡୀ ସରକାରଙ୍କ ଚିନ୍ତା ବଢ଼ିଛି । କଂଗ୍ରେସ ପାର୍ଟିର ୧୦ ଜଣ ବିଧାୟକ ଗୁପ୍ତ ବେଠକ କରିଛନ୍ତି । ଏଭଳି କୁହାଯାଉଛି ଯେ, ତାଙ୍କ ଭିତରେ ଅସନ୍ତୋଷ ରହିଛି । ଏହି ସବୁ ବିଧାୟକ ମନ୍ତ୍ରୀ ପୋଙ୍ଗୁଲେଟି ଶ୍ରୀନିବାସଙ୍କ କଥିତ ମନମାନୀ ଦ୍ୱାରା ଅସନ୍ତୁଷ୍ଟ ଅଛନ୍ତି । ସେ ପାର୍ଟି ହାଇକମାଣ୍ଡଙ୍କୁ ମଧ୍ୟ ଏହାର ଅଭିଯୋଗ କରିଛନ୍ତି । ଏହାପରେ ମୁଖ୍ୟମନ୍ତ୍ରୀ ରେଭନ୍ତ ରେଡ୍ଡୀ ଆକ୍ସନରେ ଆସିଛନ୍ତି । ରେଭନ୍ତ ରେଡ୍ଡୀ ନିଜ ମନ୍ତ୍ରୀ ଶ୍ରୀନିବାସଙ୍କୁ ବେଠକକୁ ଡକାଇଛନ୍ତି । ଏହି ବେଠକରୁ ଅଧିକାରୀଙ୍କୁ ଦୂରେଇ ରହିବାକୁ ମଧ୍ୟ କୁହାଯାଇଛି । ଉଲ୍ଲେଖନୀୟ ଯେ, ନିକଟରେ ତେଲେଙ୍ଗାନାରେ ବିଧାନ ପରିଷଦ ଓ ସ୍ଥାନୀୟ ପେର ନିର୍ବାଚନ ହେବାର ଅଛି । କଂଗ୍ରେସର ୧୦ ବିଧାୟକ



ନେନି ରାଜେନ୍ଦ୍ର ରେଡ୍ଡୀ, ଭୂପତି ରେଡ୍ଡୀ, ୟେନେମ୍ ଶ୍ରୀନିବାସ ରେଡ୍ଡୀ, ମୁରଲୀ ନାୟକ, କୁଚୁକୁଲ୍ଲା ରାଜେଶ ରେଡ୍ଡୀ, ସଞ୍ଜୀବ ରେଡ୍ଡୀ, ଅନିରୁଦ୍ଧ ରେଡ୍ଡୀ, ଲକ୍ଷ୍ମୀକାନ୍ତ, ଦାନ୍ତି ମାଧବ ରେଡ୍ଡୀ ଓ ବୀରଲା ଇଲ୍ଲୟା ରହିଛନ୍ତି । ସେ କଂଗ୍ରେସ ନେତା ଅନିରୁଦ୍ଧ ରେଡ୍ଡୀଙ୍କ ଫାର୍ମ ହାଉସରେ ଏହି ବେଠକ କରିଛନ୍ତି । ଉଲ୍ଲେଖନୀୟ ଯେ, ଯଦି ଏହି ୧୦ ବିଧାୟକ ବିଦ୍ରୋହ କରନ୍ତି, ତେବେ ରେଭନ୍ତ ରେଡ୍ଡୀ ସରକାର ସଂଖ୍ୟାଲଘୁ ହୋଇପାରେ । ବର୍ତ୍ତମାନ କଂଗ୍ରେସ ପାଖରେ ତେଲେଙ୍ଗାନାର ୬୪ ବିଧାୟକ ଅଛନ୍ତି । ବିଧାନସଭାରେ ଜରୁରୀ ବହୁମତରେ କେବଳ ୪ ଅଧିକ । ସେଭଳି ଭିଆରଏସର ୩୯ ବିଧାୟକ ଅଛନ୍ତି । ବିଜେପିର ୮ ଓ ଏଆଇଏମ୍ଆଇଏମର ୭ ବିଧାୟକ ଅଛନ୍ତି ।

